## ସଂକ୍ଷେପରେ

### ଓଡ଼ିଆ ରୁଚି ଖାଦ୍ୟ ଦିବସ ପାଳିତ

ବାସୁଦେବପୁର,୧୩।୪(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଓଡ଼ିଆ ରୁଚି ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଦହି ପଖାଳ ସହ ଶାଗ ଭଜା, ଆମ୍ବ ବଡ଼ି ଚୁରା, କଲରା ଭେଣ୍ଡି ଭଜା, ଛତୁ, ପୋଟଳ ଭଜା ସହ ପାରମ୍ପରିକ ଓଡ଼ିଆ ଖାଦ୍ୟ ବ୍ଲକ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ବିଡିଓ ତନ୍ମିତା କର, ଥାନାଧିକାରୀ ନୀରଜ ସାମଲ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପଖାଳ ଖାଇଥିଲେ।

### କବି ନିରଞ୍ଜନଙ୍କୁ ଜାତୀୟ କବି ବାଞ୍ଛାନିଧି ସ୍ମାରକୀ ସମ୍ମାନ

ଭଦ୍ରକ,୧୩।୪(ସନାତନ ରାଉତ)

କବି ନିରଞ୍ଜନ ବେହୁରିଆ ପାଇବେ ଚଳିତ ବର୍ଷର 'ଜାତୀୟ କବି ବାଞ୍ଛାନିଧି ସ୍ମାରକୀ ସମ୍ମାନ'। କବି ନିରଞ୍ଜନ ବେହୁରିଆଙ୍କ କବିତାଗ୍ରନ୍ଥ 'ମୁହୂର୍ତ୍ତ', 'କେଉଁଠି ଥାପିବୁ ପାଦ', 'ଅନ୍ତରଙ୍ଗ ନୀରବତା', 'ନୀଳ ନିର୍ଜନତା' ଓ ପୁସ୍ତକ ଯଥା 'ଚେତନାର ଚିତ୍ରନଦୀ', 'ଗାଁର ସ୍ମୃତି' ପ୍ରଭୃତି ଓଡ଼ିଶା ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି। ଆସନ୍ତା ଏପ୍ରିଲ ୨୦ରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୯ତମ ଜୟନ୍ତୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବାଞ୍ଛାନିଧି ସ୍ମୃତି ପରିଷଦ ମିଳିତ ସହଯୋଗରେ ଭଦ୍ରକ ସଂସ୍କୃତି ଭବନଠାରେ ପାଳନ ହେବ। ଏହି ଅବସରରେ କବି ବେହୁରିଆଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ସହ ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ସ୍ମୃତି ପରିଷଦର ପ୍ରସ୍ତୁତି ବୈଠକରେ ସଭାପତି ଡା. ଦୁର୍ଯ୍ୟୋଧନ ଦାସ, ଉପସଭାପତି ଡ. ଶଶଧର ଦାସ, ସମ୍ପାଦକ ରତିକାନ୍ତ ବେହେରା, ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସଦସ୍ୟ ରମେଶ ରାୟ ଓ ଜିତେନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଏହା ନିଷ୍ପତ୍ତି କରାଯାଇଛି।

### ଯୁବ ଯାଦବ ମହାସଭା ପକ୍ଷରୁ ଜଳଛତ୍ର

ଭଦ୍ରକ, ୧୩।୪(ରବିନାରାୟଣ ଖିଲାର)

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ ରଖି ଭଦ୍ରକ ଜିଲା ଯୁବ ଯାଦବ ମହାସଭା ପକ୍ଷରୁ ସୋମବାର ବାଇପାସ୍‌ଠାରେ ଜଳଛତ୍ର ଖୋଲାଯାଇଛି। ଉଦ୍‌ଘାଟନୀ ଦିବସରେ ଯାତ୍ରୀଙ୍କୁ ଦହି ସର୍ବତ ପ୍ରଦାନ କରାଯାଇଛି। ପ୍ରଚଣ୍ଡ ରୌଦ୍ରତାପ ହେତୁ ଦୀର୍ଘ ଏକମାସ ଧରି ଏହି ଜଳଛତ୍ର ଚାଲୁ ରହିବ ବୋଲି ଯୁବ ଯାଦବ ସଭାପତି ପ୍ରକାଶ କରିଛନ୍ତି। ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡା, ଉପସଭାପତି ସଞ୍ଜୀବ ନାୟକ, ସାଧୁଚରଣ ବାରିକ, ନିରଞ୍ଜନ ବାରିକ, ପୀୟୁଷ ଦାସ, ମୁକ୍ତିକାନ୍ତ ନାୟକ, ତ୍ରିଲୋଚନ ବାରିକ ଓ ତପନ ବାରିକ ପ୍ରମୁଖ ଯାଦବ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ଦର୍ଶନ କଲଚରାଲ ଏକାଡେମୀର ଦଶମ ବାର୍ଷିକ ଉତ୍ସବ

ଭଦ୍ରକ, ୧୩।୪(ରବିନାରାୟଣ ଖିଲାର)

ଦର୍ଶନ କଲଚରାଲ ଏକାଡେମୀର ଦଶମ ବାର୍ଷିକ ଉତ୍ସବ ରବିବାର ଟାଉନ ହଲ୍‌ଠାରେ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ଗୁଲମୁଖୀ ଦଲୱାଜି ହବିବ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ୱତନ୍ତ୍ର ଅତିଥି ଭାବେ ଓଡିଶୀ ନୃତ୍ୟଗୁରୁ ତଥା ସିନେ ତାରକା ପ୍ରତିଭା ପଣ୍ଡା, କଣ୍ଠଶିଳ୍ପୀ ରାଜେନ୍ଦ୍ର ବଳ, ଗଣେଶ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟାପକ ସୁବାସ ପଣ୍ଡା ପ୍ରମୁଖ ଯୋଗଦେଇ କଳାର ସ୍ଥାନ ଭଦ୍ରକ ଜିଲାରେ ସ୍ୱତନ୍ତ୍ର ରହିଛି ବୋଲି କହିଥିଲେ। ଶେଷରେ ଅତିଥିମାନେ କୃତୀ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରିଥିଲେ। ଆର୍ଟରେ ଜୁନିଅର ନଂ. ୧ କଳାକାର ମାନ୍ୟତା ଜେନା ଓ ଆର୍ଟ ସିନିଅର ନଂ-୧ କଳାକାର ଶୁଭଶ୍ରୀ ନାୟକ, ସଙ୍ଗୀତରେ ଜୁନିଅର ନଂ. ୧ କଳାକାର ଅଂଶିକା ନାଥ ଓ ସିନିଅର ନଂ. ୧ କଳାକାର ଚନ୍ଦ୍ରକାନ୍ତ ପାଲ, ମର୍ଡନ ଡ୍ୟାନ୍ସରେ ଜୁନିଅର ନଂ. ୧ ଅଘାନ୍ୟା ରାଇଚାନ୍ଦ, ସିନିଅର ନଂ. ୧ ଲକ୍ସିତା ପଣ୍ଡା ଓ ଓଡ଼ିଶୀରେ ଜୁନିଅର ନଂ. ୧ କଳାକାର ସୁକନ୍ୟା ନାୟକ ଓ ସିନିଅର ନଂ. ୧ କଳାକାର ସ୍ୱୟମପ୍ରଭା ପୃଷ୍ଟି କୃତିତ୍ୱ ଅର୍ଜନ କରିଛନ୍ତି। କୃତୀ ପ୍ରତିଭାଧାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ନିର୍ଦ୍ଦେଶକ ସୁଦର୍ଶନ ନାୟକ ମଞ୍ଚ ଆମନ୍ତ୍ରଣ ଓ ନିର୍ଦ୍ଦେଶିକା ଅର୍ଚ୍ଚନା ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଅପେରା ଗାଡ଼ି ଆଗରେ ପୂଜା କମିଟି ସଦସ୍ୟଙ୍କ ଧାରଣା

## ଯାତ୍ରାପାର୍ଟି ମାଲିକଙ୍କ ବିରୋଧରେ ଏତଲା

ଧୁଷୁରୀ,୧୩।୪( ଦୀପ୍ତିରଞ୍ଜନ ନାୟକ)



ଭଦ୍ରକ ଜିଲା ଧୁଷୁରୀ ଥାନା ଅଞ୍ଚଳ ଫତେପୁରଠାରେ ଅଗ୍ରିମ ଟଙ୍କା ନେଇ ଯାତ୍ରା ନ କରିବା ଓ ଟଙ୍କା ନ ଫେରାଇବାକୁ ନେଇ ରବିବାର ରାତିରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଅପେରା ସମ୍ରାଟ ଅଶୋକର ଗାଡ଼ି ଆଗରେ ଚାନ୍ଦବାଲି ଥାନା ଅଧୀନ ତେନ୍ତୁଳିଡ଼ିହି ମା' ବାସନ୍ତୀ ଦୁର୍ଗାପୂଜା କମିଟିର ସଦସ୍ୟ ଧାରଣା ଦେଇଥିଲେ। ଏଥିସହ ଧୁଷୁରୀ ଥାନାରେ ଅପେରାପାର୍ଟି ମାଲିକ ଅନନ୍ତ ନାରାୟଣ ଧଳଙ୍କ ନାମରେ ଏତଲା ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଅପେରାପାର୍ଟି ମାଲିକ ୨୦୨୬ ମାର୍ଚ୍ଚ ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ୪ ରାତି ଅପେରା ପ୍ରଦର୍ଶନ ପାଇଁ ବର୍ଷକ ଆଗରୁ ୯ ଲକ୍ଷ ଟଙ୍କା ଅଗ୍ରିମ ନେଇଥିଲେ। ନିର୍ଦ୍ଧାରିତ ତାରିଖରେ ନାଟକ ପ୍ରଦର୍ଶନ କରିପାରିଲାନାହିଁ। ମାଲିକ କମିଟି ସଦସ୍ୟଙ୍କୁ ବାରମ୍ବାର ଯାଜପୁର ରୋଡ ଅପେରା କାର୍ଯ୍ୟାଳୟକୁ ଡାକି ଅଗ୍ରିମ ଅର୍ଥରାଶି ଫେରାଇ ନ ଥିଲେ। ରବିବାର ରାତିରେ ଫତେପୁରଠାରେ ଅପେରା ସମ୍ରାଟ ଅଶୋକ ୩ ରାତି ଯାତ୍ରା କରି ଫେରୁଥିଲା। ଏହି ସମୟରେ ମା' ବାସନ୍ତୀ ଦୁର୍ଗାପୂଜା କମିଟିର ୧୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ଗାଡ଼ି ଆଗରେ ଧାରଣାରେ ବସିରହିଥିଲେ। ଏଥିସହ ଧୁଷୁରୀ ଥାନାରେ ମାଲିକ ଧଳଙ୍କ ନାମରେ ଏତଲା ଦେଇଥିଲେ। ଯାତ୍ରା ମ୍ୟାନେଜର ଧାରଣା ବିଷୟରେ ମାଲିକଙ୍କୁ ଅବଗତ କରିବା ପରେ ସେ ଏ ବିଷୟରେ କର୍ଣ୍ଣପାତ ନ କରି ଓଲଟି ଗାଡ଼ି ଛାଡ଼ିଦେବାକୁ ଧମକ ଦେଇଥିବା ଏତଲାକାରୀ ରୂପେଶ ରାଉତ କହିଛନ୍ତି। ଧୁଷୁରୀ ଥାନା ପୋଲିସ ପୂଜା କମିଟି ସଦସ୍ୟ ଓ ଅପେରା ମ୍ୟାନେଜରଙ୍କୁ ଥାନାକୁ ଡାକି ରାତି ୧ଟା ପର୍ଯ୍ୟନ୍ତ ଆଲୋଚନା କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ସୋମବାର ସକାଳେ ଏସ୍‌ପି ମନୋଜ ରାଉତଙ୍କୁ ଏ ବିଷୟରେ ଅବଗତ କରାଇଥିଲେ। ଏସ୍‌ପିଙ୍କ ହସ୍ତକ୍ଷେପ ପରେ ଅଟକ ରହିଥିବା ଗାଡ଼ିଗୁଡ଼ିକ ଆଗରୁ କମିଟି ସଦସ୍ୟ ଉଠିଥିଲେ। ତେବେ ଯାତ୍ରାପାର୍ଟି ମାଲିକ ଅଗ୍ରିମ ନେଇଥିବା ଅର୍ଥରାଶି ଧୁଷୁରୀ ଓ ଚାନ୍ଦବାଲି ଥାନା ପୋଲିସ ଉପସ୍ଥିତିରେ ପୂଜା କମିଟି ସଦସ୍ୟଙ୍କୁ ଫେରାଇବେ ବୋଲି ରାଜି ହୋଇଥିବା ଥାନା ଅଧିକାରୀ ବାଗେ ସୂଚନା ଦେଇଛନ୍ତି।

# ୮୫ ଅଭିଯୋଗର ହେଲା ଶୁଣାଣି




ଜିଲାପାଳ, ଏସ୍‌ପି ଅଭିଯୋଗ ଶୁଣାଣି କରୁଛନ୍ତି।

ବନ୍ତ,୧୩।୪(କିଶୋର କୁମାର ସେଠୀ/ ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ଅନ୍ତର୍ଗତ ତୋଡ଼ଙ୍ଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୫୧ଟି, ସାମୂହିକ ୨୯ଟି, ଓ ରେଡ଼କ୍ରସ ସାହାଯ୍ୟ ୫ଟି ଅଭିଯୋଗ ଆସିଥିଲା। ୨୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲା ରେଡ଼କ୍ରସ ପାଣ୍ଠିରୁ ୫ଜଣ ଆବେଦନକାରୀଙ୍କୁ ମୋଟ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଶିବିରରେ ଜିଲାପାଳ ଦିଲୀପ ରାଉତରାୟ, ଏସ୍‌ପି ମନୋଜ ରାଉତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପଜିଲାପାଳ ସୌରିଭ ଚକ୍ରବର୍ତ୍ତୀ, ବନ୍ତ ବିଡିଓ ସୀତାକାନ୍ତ ରାଉତ, ତହସିଲଦାର ସାରା ହେମ୍ବ୍ରମ, ଅତିରିକ୍ତ ତହସିଲଦାର ପ୍ରସନ୍ନ ମହାନ୍ତିଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ।

# ଖାଦ୍ୟ ପରିବେଷଣ କଲେ ୧୫ ମହିଳା ସଂଘ

## ବ୍ଲକସ୍ତରୀୟ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

ତିହିଡ଼ି,୧୩।୪(ସଞ୍ଜିତ ବଳ)



ଖାଦ୍ୟର ମାନ ଦେଖୁଛନ୍ତି ବିଡିଓ।

ଓଡ଼ିଆ ପକ୍ଷ ପାଳନ ଅବସରରେ ତିହିଡି ବ୍ଲକରେ ସୋମବାର ବ୍ଲକସ୍ତରୀୟ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରସରେ ଥିବା ମିଶନ ଶକ୍ତି କାଫେରେ କାର୍ଯ୍ୟକ୍ରମକୁ ବିଡିଓ ନିରଞ୍ଜନ ବାରିକ ଉଦ୍‌ଘାଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ଏବିଡିଓ ମୀନକେତନ ବାରିକ, ମିଶନ ଶକ୍ତି ବିପିଏମ୍ ରଶ୍ମିତା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆମ ରୁଚି ଆମ ଖାଦ୍ୟ ଓଡ଼ିଆ ମାନଙ୍କ ପରିଚୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବୋଡକ ବଳଦେବଜୀଉ ମହିଳା ସଂଘ, ହରସିଂହପୁର ମା' ହରଚଣ୍ଡୀ ମହିଳା ସଂଘ, ଅଚକ ଦାରୁବ୍ରହ୍ମ ମହିଳା ସଂଘ, ନରେନ୍ଦ୍ରପୁର ଜୟ ମା' ମଙ୍ଗଳା ମହିଳା ସଂଘ, କୋହ୍ଲ ନବଗ୍ରହ ମହିଳା ପଞ୍ଚାୟତ ସଂଘ ସମେତ ୧୫ଟି ମହିଳା ସଂଘ ଓଡ଼ିଆ ପରମ୍ପରାର ବିଭିନ୍ନ ଖାଦ୍ୟ ପରିବେଷଣ କରିଥିଲେ। ମିଶନ ଶକ୍ତି ବ୍ଲକ ସଂଯୋଜିକା ସ୍ନିଗ୍ଧା ନାୟକ, ସସ୍ମିତା ଖୁଣ୍ଟିଆ, ଏସ୍‌ଡିସି ପ୍ରଫୁଲ୍ଲ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

# ୨୭ ୟୁନିଟ୍ ରକ୍ତ ସଂଗ୍ରହ

ବନ୍ତ,୧୩।୪(କିଶୋର କୁମାର ସେଠୀ)

ଓଡ଼ିଶା ସେବା ପକ୍ଷ ପାଳନ ଅବସରରେ ସୋମବାର ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧକ୍ଷା ମନୋରମା ମିଶ୍ର ଫିତା କାଟି ଉଦଘାଟନ କରିଥିଲେ। ୱାଇଆରସି କୋ ଅର୍ଡିନେଟର ପ୍ରକାଶ ଚନ୍ଦ୍ର ଦେବତା, ଏନ୍‌ଏସ୍‌ଏସ୍ କୋ ଅର୍ଡିନେଟର ରାଜେଶ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲା ରକ୍ତ ଭଣ୍ଡାରର ବୈଷୟିକ ଅଧିକାରୀ ଲିଲିମା ସ୍ୱାଇଁ, ଏଲଟି ଦେବେନ୍ଦ୍ର ବିଶ୍ୱାଳ, ବଳରାମ ପୁହାଣ, ପ୍ରକାଶ ବେହେରା ସହଯୋଗ କରିଥିଲେ। ଶିବିରରୁ ମୋଟ ୨୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହାବିଦ୍ୟାଳୟର ଯୁବ ରେଡକ୍ରସ, ଏନ୍‌ସିସି କ୍ୟାଡେଟ ଏବଂ ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରକ୍ତ ଅଭାବରୁ କୌଣସି ଜୀବନ ଯେପରି ନ ଯାଏ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ବାଳିକା ଫୁଟବଲରେ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ ଚାମ୍ପିୟନ




ଚାମ୍ପିୟନ ଟିମ୍‌କୁ ଟ୍ରଫି ଦିଆଯାଉଛି।

## ସିଏମ୍ ଟ୍ରଫି କ୍ରୀଡ଼ା ମହୋତ୍ସବ

ଭଦ୍ରକ,୧୩।୪(ସନାତନ ରାଉତ)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲା ପ୍ରଶାସନ ଓ ଜିଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଚାଲିଥିବା ସିଏମ୍ ଟ୍ରଫି କ୍ରୀଡ଼ା ମହୋତ୍ସବର ବାଳିକା ବିଭାଗ ଫୁଟ୍‌ବଲ ଚାମ୍ପିୟନଶିପ୍ ଭଦ୍ରକ ବ୍ଲକ ରାନ୍ଦିଆ ରାମେଶ୍ୱର ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ପୁରୁଣାବଜାର ସରସ୍ୱତୀ ଶିଶୁ ମନ୍ଦିରକୁ ୨/୧ ଗୋଲରେ ହରାଇ ଭଦ୍ରକର ଏସ୍‌ବିଡି ଇଣ୍ଟରନ୍ୟାଶନାଲ୍ ସ୍କୁଲ ଚାମ୍ପିୟନ ହୋଇଛି। ଏସ୍‌ବିଡି ପକ୍ଷରୁ ମନ୍ଦିଲ ନାୟକ ୨ଟି ଗୋଲ ଦେଇଥିବା ବେଳେ ଶିଶୁ ମନ୍ଦିର ପକ୍ଷରୁ ସୁପ୍ରଭା ପରିଡ଼ା ଗୋଟିଏ ଗୋଲ ସ୍କୋର କରିଥିଲେ। ରେଫେରୀ ଭାବେ ଉତ୍ତମ ବାରିକ, ମାନସ ବିଶ୍ୱାଳ, ଜିତେନ୍ଦ୍ର ବାରିକ ଖେଳ ପରିଚାଳନା କରିଥିବା ବେଳେ ମହେଶ୍ୱର ପତି, ସଂଗ୍ରାମୀ ଦେବଦତ୍ତ ନାୟକ, ମନୋଜ ସାହୁ, ରବିନାରାୟଣ ଓଝା, ସୌମ୍ୟକାନ୍ତ ଉପାଧ୍ୟାୟ, ରଘୁନାଥ ଦାସ, ନାସିର୍ ଅଲ୍ଲି, ଗୌରାଙ୍ଗ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଜିଲା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଧୀରେନ ପଲାଇ, ସଦସ୍ୟ ଉପେନ୍ଦ୍ର ବାରିକ, ଯୁଗ୍ମ ସମ୍ପାଦକ ଅତିସ୍ କୁମାର ବେହେରା, ପୂର୍ବତନ ଫୁଟବଲ ଖେଳାଳି ପ୍ରମୋଦ ସ୍ୱାଇଁ, କ୍ଷୀରୋଦ ମହାପାତ୍ର, କ୍ଲବର ସମସ୍ତ ସଦସ୍ୟ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ସୁପର ସ୍ପେଶାଲିଟି ହସ୍ପିଟାଲ ଦାବିକଲା କଂଗ୍ରେସ

ଚାନ୍ଦବାଲି,୧୩।୪(କିଷାନ ପାତ୍ର)




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ଚାନ୍ଦବାଲି ବ୍ଲକ କଂଗ୍ରେସ ପକ୍ଷରୁ ଚାନ୍ଦବାଲି ଏନ୍‌ଏସି ସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ ସଭାପତି ସୁଭାଶିଷ ମଲ୍ଲିକଙ୍କ ସଭାପତିତ୍ୱରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଚାନ୍ଦବାଲି ବ୍ଲକର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ କହିଥିଲେ, ଚାନ୍ଦବାଲି ସରକାରୀ ହସ୍ପିଟାଲରେ ପର୍ଯ୍ୟାପ୍ତ ଡାକ୍ତର ଓ କର୍ମଚାରୀ ନ ଥିବାରୁ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏଠାରେ ଧାମରା ପୋର୍ଟ ଭଳି ବୃହତ ବ୍ୟବସାୟିକ ପ୍ରତିଷ୍ଠାନ ରହିଥିଲେ ମଧ୍ୟ ସ୍ଥାନୀୟ ଲୋକେ ଉନ୍ନତ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। ପୋର୍ଟ କମ୍ପାନୀ ଏଠାରୁ ଅନେକ ଆର୍ଥିକ ଲାଭ ନେଉଥିବା ସତ୍ତ୍ୱେ ଅଞ୍ଚଳର ଉନ୍ନତି ପ୍ରତି ଧ୍ୟାନ ଦେଉନାହିଁ। ଚାନ୍ଦବାଲିରେ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ସ୍ଥାପନ ପାଇଁ କଂଗ୍ରେସ ନେତାମାନେ ଦାବି କରିଥିଲେ। ଏହା କରାଗଲେ ଚାନ୍ଦବାଲି ସହ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏହାର ନିର୍ମାଣ ଓ ପରିଚାଳନା ଦାୟିତ୍ୱ କମ୍ପାନୀକୁ ଦିଆଯାଉ। ସମ୍ମିଳନୀରେ ଶୁଭାଶିଷ ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ମହାନ୍ତି, ବ୍ଲକ କଂଗ୍ରେସ ଉପସଭାପତି ଦିଗମ୍ବର ସାହୁ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବଦ୍ରିନାଥ ନାୟକ, ଅର୍ଜୁନ ବେହେରା, ବ୍ଲକ କଂଗ୍ରେସ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, ଯୁବ ନେତା ସୀତାଂଶୁ ନାୟକ, ଶରତ ଧଳ, ୧ନଂ. ଜୋନ ସଭାପତି ନିମାଇଁ ଦାସ, ଗୋବିନ୍ଦ ମୁଦୁଲି ଓ ରମେଶ ନାୟକ ଉପସ୍ଥିତ ଥିଲେ।

# ଗୋ ଚାଲାଣ ରୋକିବାକୁ ଦାବିପତ୍ର

ବନ୍ତ,୧୩।୪(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରେ ବେଆଇନ ଗୋ ଚାଲାଣ ରୋକିବା ନେଇ ଭଦ୍ରକସ୍ଥିତ ରାଷ୍ଟ୍ରୀୟ ସଙ୍ଗଠନ ଶ୍ରୀ ବଜରଙ୍ଗ ସେନା ପକ୍ଷରୁ ସୋମବାର ବନ୍ତ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ସାଧାରଣ ସମ୍ପାଦକ ଚିରଞ୍ଜୀବ ନାୟକଙ୍କ ନେତୃତ୍ୱରେ ବ୍ଲକ ସଭାପତି ନିରଞ୍ଜନ ଜେନା, ଅଜୟ କୁମାର ବେଜ, ଧର୍ମେନ୍ଦ୍ର ମଲ୍ଲିକ, ପଦ୍ମନାଭ ଜେନା, ଚିନ୍ମୟ ପ୍ରଧାନଙ୍କ ସମେତ ଅନ୍ୟ କର୍ମୀମାନେ ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବନ୍ତ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଦୀର୍ଘ ଦିନ ହେବ ବେଆଇନ ଗୋ ଚାଲାଣ ହେଉଥିବା ବେଳେ ଏଥିରେ କେତେଜଣ ଦଲାଲ ସହାୟତା କରୁଛନ୍ତି। ଗୋ ଚାଲାଣ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଜରଙ୍ଗ ସେନା ପକ୍ଷରୁ ଦାବି କରାଯାଇଛି ।

# ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

## ବନ୍ତ ଥାନାରେ ଆମ ପୋଲିସ ସମିତି ବୈଠକ

ବନ୍ତ,୧୩।୪(କିଶୋର କୁମାର ସେଠୀ)

ଭଦ୍ରକ ଜିଲା ବନ୍ତ ଥାନା ପରିସରରେ ରବିବାର ଅପରାହ୍ନରେ 'ଆମ ପୋଲିସ ସମିତି'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଅପରାଧ ନିୟନ୍ତ୍ରଣ କରିବା ଦିଗରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ନେଇ ଏହି ବୈଠକର ଆଲୋଚନା ହୋଇଥିଲା। ଅପରାଧ ରୋକିବା, ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ଏବଂ ଚୋରି ଘଟଣାକୁ ରୋକିବା ପାଇଁ ଅପରାଧୀଙ୍କୁ ଠାବ କରିବା ବିଷୟରେ ଗୁରୁତ୍ୱାରୋପ ହୋଇଥିଲା। ଏଥିସହ ଟ୍ରାଫିକ ବ୍ୟବସ୍ଥା ଓ ଯାନବାହାନ ଚଳାଚଳକୁ କିପରି ଅଧିକ ସୁବ୍ୟବସ୍ଥିତ କରାଯାଇପାରିବ ସେ ନେଇ ଆଗାମୀ ପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଥାନାଧିକାରୀ ସୁପ୍ରକାଶ ମହାନ୍ତି, ଏସ୍‌ଆଇ ଅସ୍ମିତା ପ୍ରଧାନ ଏବଂ କମଳାକାନ୍ତ ନାୟକ, ଏଏସ୍‌ଆଇ ମନୋରଞ୍ଜନ ବାରିକ ଉପସ୍ଥିତ ଥିଲେ। ସମିତିର ସଦସ୍ୟ ପରମେଶ୍ୱର ବାରିକ, ନିରଞ୍ଜନ ମଲ୍ଲିକ, ଉଦ୍ଧବ ଚରଣ ସେଠୀ, ବିଜୟ ବିଶ୍ୱାଳ, ସରୋଜ କୁମାର ମଲ୍ଲିକ, କଲିମୁଲ୍ଲା ଖାନ, ରାମଚନ୍ଦ୍ର ଦାସ ଓ ସନ୍ନ୍ୟାସୀ ରାଉତ ବୈଠକରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଆ ପକ୍ଷରେ ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର



ଆସ ବହିଟିଏ କିଣିବା କାର୍ଯ୍ୟକ୍ରମରେ ଅତିଥିମାନେ।

ଭଦ୍ରକ, ୧୩।୪(ସନାତନ ରାଉତ)

ଓଡ଼ିଆପକ୍ଷ ପାଳନ ଅବସରରେ ଭଦ୍ରକ କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ବିଏଡ ଡିପାର୍ଟମେଣ୍ଟରେ ରବିବାର ବନ୍ଦନୀୟ ବରପୁତ୍ର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରଜତ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ରବିନାରାୟଣ ନାୟକ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କର ଆଦର୍ଶ ଓ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ମନୋରମା ନାୟକ, ଅଧ୍ୟାପିକା ଜୟଶ୍ରୀ ବିଶ୍ୱାଳ, ବନଜବାସିନୀ ବାରିକ ଅନ୍ୟତମ ବକ୍ତା ଭାବେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡ. ସ୍ମୃତିରେଖା ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ସେହିପରି ପୂର୍ବରୁ ଅଧ୍ୟକ୍ଷ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜ୍ଞାନବୃଦ୍ଧିରେ ପୁସ୍ତକ ସହାୟକ ହୁଏ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

# ଶିକ୍ଷାଗତ ଭ୍ରମଣରେ ସଂଗ୍ରହାଳୟ, ପାଠାଗାର ପରିଦର୍ଶନ

ବାସୁଦେବପୁର,୧୩।୪(କାଳିପଦ ରାୟ)




ପାଠାଗାର ପରିସରରେ ଛାତ୍ରୀଛାତ୍ର।

ଓଡ଼ିଆ ପକ୍ଷ ପାଳନ ଅବସରରେ ବାସୁଦେବପୁର ପୌରପାଳିକା ଲୋକନାଥ ପାଠାଗାର ଓ ସଂଗ୍ରହାଳୟକୁ ପିଲାମାନେ ଶିକ୍ଷାଗତ ଭ୍ରମଣରେ ଆସି ଓଡ଼ିଆ ସଂସ୍କୃତି, ଅସ୍ମିତା ଓ ପରମ୍ପରା ଉପରେ ବହୁ ପୁରାତନ ଜିନିଷ ଦେଖି ନିଜ ପ୍ରାଚୀନ ସଂସ୍କୃତି ବିଷୟରେ ଅବଗତ ହୋଇଥିଲେ। ପୌରପାଳିକାର ଉଚ୍ଚଡ଼ିହାଠାରେ ଥିବା ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ନିଜ ନିଜ ଶ୍ରେଣୀ ଶିକ୍ଷକଙ୍କ ଜରିଆରେ ପାଠାଗାର ଓ ସଂଗ୍ରହାଳୟକୁ ସୋମବାର ବୁଲି ଆସିଥିଲେ। ସଂଗ୍ରହାଳୟର ପ୍ରତିଷ୍ଠାତା ସମ୍ପାଦକ ବିକାଶ ଶତପଥୀ ପିଲାଙ୍କୁ ଲଙ୍ଗଳ, ଡିଙ୍କି, ଶେର ମହଣ, ପଖିଆ, ତାଳପତ୍ର ପୋଥି, ଭୋଜପତ୍ର ପୋଥି, ସାମୁଦ୍ରିକ ଜୀବ, ଦେଶ ବିଦେଶର ମୁଦ୍ରା, ରେଡିଓ, ପେଟ୍ରୋମାକ୍ସ ଲାଇଟ୍, ବିଭିନ୍ନ ଦେଶର ଡାକଟିକେଟ ଆଦି ବହୁ ପୁରାତନ ଜିନିଷ ଦେଖାଇବା ସହ ସେ ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ପାଢ଼ୀ, ପୂର୍ବତନ ଶିକ୍ଷକ ନକୁଳ ଚନ୍ଦ୍ର ବାରିକ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଭାନୁମତୀ ମଲିକ ପ୍ରମୁଖ ଉପସ୍ଥିତ ରହି ପିଲାଙ୍କୁ ବହିରେ ପଢ଼ା ଯାଉଥିବା ଆମ ପୁରାତନ ସଂସ୍କୃତି ଓ ବରପୁତ୍ରଙ୍କ ବଳିଦାନର ଗାଥାକୁ ପ୍ରକଳ୍ପ ଭିତ୍ତିକ ପ୍ରସଙ୍ଗ ଉପରେ ବୁଝାଇଥିଲେ। ସାହିତ୍ୟିକ ସଦାନନ୍ଦ ପାଣିଗ୍ରାହୀ ପିଲାଙ୍କୁ ବହି ଆମର ପରମବନ୍ଧୁ ଉପରେ ସହଜ କବିତା ଓ କାହାଣୀମାନ ବୁଝାଇଥିଲେ। ବିନମ୍ର କୁମାର ଶତପଥୀ ପିଲାଙ୍କୁ ମୋବାଇଲଠାରୁ ଦୂରେଇ ରହି ବହି ସହିତ ମିତଟିଏ ହେବା ପାଇଁ ସଂକଳ୍ପ କରାଇବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମିଜମା ମାମଲାର ତ୍ୱରିତ ସମାଧାନ ନିର୍ଦ୍ଦେଶ

## ରାଜସ୍ୱ ବିଭାଗର ସମୀକ୍ଷା

**ବାରିପଦା, ୧୩।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବେତନଟୀ ତହସିଲରେ ରାଜସ୍ୱ ସଂକ୍ରାନ୍ତୀୟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଓଡ଼ିଶା ସରକାରଙ୍କ ସଦସ୍ୟ ବୋର୍ଡ ଅଫ୍ ରାଜସ୍ୱ ଅଧିକାରୀ ସତ୍ୟବ୍ରତ ସାହୁ ସମୀକ୍ଷା କରିଛନ୍ତି। ଜିଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ, ବେତନଟୀ ତହସିଲଦାରଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରି ଆଦିବାସୀଙ୍କ ଜମିକୁ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲ ଅଞ୍ଚଳରେ ଉପୁଜୁଥିବା ରାଜସ୍ୱ ସମ୍ବନ୍ଧୀୟ ମାମଲା, ଜମିର କିସମ ପରିବର୍ତ୍ତନ, ଜଙ୍ଗଲ ଜମି ସୁରକ୍ଷା, ଅଣଆଦିବାସୀମାନେ ଆଦିବାସୀଙ୍କ ଜମିକୁ ହାତେଇବା ପାଇଁ ଅପଚେଷ୍ଟାକୁ ରୋକିବା, ଜବରଦଖଲ ଉଚ୍ଛେଦ, ରାଜସ୍ୱ ଆଦାୟ, ଦାଖଲଖାରଜ ମାମଲାର ଶୀଘ୍ର ସମାଧାନ କରିବା, ଛାତ୍ରୀଛାତ୍ରଙ୍କ ନିମନ୍ତେ ଆବଶ୍ୟକ ପ୍ରମାଣପତ୍ର ଖୁବ୍‌ଶୀଘ୍ର ପ୍ରଦାନ କରିବା ଆଦି କାର୍ଯ୍ୟକୁ ତ୍ୱରିତ ସମାଧାନ କରିବା ପାଇଁ ଜିଲା ଓ ତହସିଲ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକେ ଯେପରି ଜମିଜମା ସଂକ୍ରାନ୍ତୀୟ କୌଣସି ଅସୁବିଧାରେ ନ ପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ତାଗିଦା କରିଛନ୍ତି।


ସମୀକ୍ଷା ବୈଠକରେ ରାଜସ୍ୱ ଅଧିକାରୀ ସତ୍ୟବ୍ରତ ସାହୁ ଓ ଅନ୍ୟମାନେ।

# ରୋଗୀଙ୍କୁ ଫଳ ବଣ୍ଟନ

**ମୋରଡ଼ା, ୧୩।୪ (ସ୍ମାରକ ମାଜୀ)**

ଏଟିଏଚ ରକ୍ତ ପରିବାର ଓଡ଼ିଶା ତରଫରୁ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ବାରମାଇଲସ୍ଥିତ କିଶାନତାଣ୍ଡି ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ସୋମବାର ପୂର୍ବାହ୍ନ ୧୧ଟାରେ ଶୁଖିଲା ଖାଦ୍ୟ ଓ ଫଳ ବଣ୍ଟନ କରାଯାଇଛି। ଏଟିଏଚ ରକ୍ତର ରାଜ୍ୟ ସଭାପତି ରଘୁନାଥ ପଣ୍ଡା, ରାଜ୍ୟ ସଂଯୋଜକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲା ସଭାପତି ରାଜେଶ ମହାନ୍ତ, ସଦସ୍ୟ ସୁଶାନ୍ତ ମହାନ୍ତ, ବୈଦ୍ୟନାଥ ମହାନ୍ତ, ମାନସ କୁମାର ମହାନ୍ତ, ଗୌତମ କୁମାର ଯାଦବ, ବିଶ୍ୱରଞ୍ଜନ ମହାନ୍ତ, ପ୍ରକାଶ ମହାନ୍ତ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଡାକ୍ତରଖାନା ପରିସର ବୁଲିବା ସହିତ ରୋଗୀଙ୍କୁ କେମିତି ଚିକିତ୍ସା ମିଳୁଛି ସେ ବାବଦରେ ବୁଝିଥିଲେ ଏବଂ ଡାକ୍ତରଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ।

# ଆଜି ମା' ବାସୁଳୀଙ୍କ ପୀଠରେ ଉଡ଼ା ପର୍ବ

**ଠାକୁରମୁଣ୍ଡା, ୧୩।୪ (ତାରାକାନ୍ତ ପଟ୍ଟନାୟକ)**

## ଚଳିତ ବର୍ଷ ୫୨ ଜଣ ଭକ୍ତା ପିଠିରେ କଣ୍ଟା ପୋଡ଼ାଇ ଖୁଣ୍ଟ ଦଣ୍ଡା ରେ ଝୁଲି ଉଡିବେ

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାର ଅଧିଷ୍ଠାତ୍ରୀ ଦେବୀ ମା' ବାସୁଳୀଙ୍କ ପୀଠରେ ପଣା ସଂକ୍ରାନ୍ତି ଅବସରରେ ମଙ୍ଗଳବାର ଉଡା ପର୍ବ ଅନୁଷ୍ଠିତ ହେବ। ଚଳିତ ବର୍ଷ ମୋଟ ୫୨ ଜଣ ଭକ୍ତା ପିଠିରେ କଣ୍ଟା ପୋଡ଼ାଇ ମନ୍ଦିର ସମ୍ମୁଖରେ ପୋତା ଯାଇଥିବା ଖୁଣ୍ଟରେ ଲଗା ଯାଇଥିବା ଦଣ୍ଡାରେ ଝୁଲି ଉଡିବେ। ପଣା ସଂକ୍ରାନ୍ତିର ୧୧ ଦିନ ପୂର୍ବରୁ ଏଥି ନିମନ୍ତେ ଅଂଶ ଗ୍ରହଣ କରିବାକୁ ଥିବା ଭକ୍ତାମାନେ ଆସି ମନ୍ଦିରରେ ପହଞ୍ଚି ବିଧି ଅନୁଯାୟୀ କାର୍ଯ୍ୟକ୍ରମ କରିଛନ୍ତି। ଉଡା ପର୍ବ ଯାକଜମକରେ ପାଳନ କରିବାକୁ କମିଟି ପକ୍ଷରୁ ଆଲୋକ ବ୍ୟବସ୍ଥା କରାଯାଇଛି। ସୋମବାର ରାତିରେ ମା' ବସୁଳିଙ୍କ ପୀଠ ସମ୍ମୁଖରେ ଜାଗର ଯାତ୍ରା ପାଳିତ ହୋଇଥିଲା। ଉଡା ପର୍ବ ଅବସରରେ ଏଠାରେ ଚାଲିବାକୁ ଥିବା ମେଳାରେ ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ବୈଶିଙ୍ଗା, ୧୩।୪ (ରତନ ଦାଶ)**

ବୈଶିଙ୍ଗାସ୍ଥିତ ମୁନିଲାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପରିଡାଙ୍କର ସୋମବାର ଅପରାହ୍ନ ତିନିଟା ସମୟରେ ପରଲୋକ ଘଟିଛି। ଏହି ବିଦ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ବେତନଟୀ ବ୍ଲକ ଅନ୍ତର୍ଗତ ମେର୍ଦା ଉଚ୍ଚ ବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରିଥିଲେ। କଳା ଶିକ୍ଷକ ଭାବେ ୩୦ ବର୍ଷ ଧରି ସେଠାରେ ଶିକ୍ଷାଦାନ ଦେବା ପରେ ମୁନିଲାଲ ଉଚ୍ଚ ବିଦ୍ୟାଳୟରେ ଅତ୍ୟନ୍ତ ନିଷ୍ଠା ଓ ଦାୟିତ୍ୱ ସମ୍ପନ୍ନ ଭାବେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୨୦୦୬ ସେପ୍ଟେମ୍ବର ୩୦ରେ ଅବସର ଗ୍ରହଣ କରିଥିଲେ। ତେବେ ତିନି ମାସ ପୂର୍ବରୁ ଅସୁସ୍ଥତା କାରଣରୁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ମେଳାପି, ପରୋପକାରୀ ଏବଂ ଛାତ୍ରବତ୍ସଳ ଶିକ୍ଷକ ଭାବେ ସମସ୍ତଙ୍କ ନିକଟରେ ବେଶ ଆଦୃତ ହୋଇ ପାରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ବିଧବା ପତ୍ନୀ, ତିନି ପୁତ୍ର, ପୁତ୍ର ବଧୂ ଏବଂ ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଶେଷକୃତ୍ୟ ପାଇଁ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଛି।



# ଜିଲାସ୍ତରୀୟ ନାରୀଶକ୍ତି ବନ୍ଦନ ସମ୍ମିଳନୀ



**ବାରିପଦା, ୧୩।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବିଧାନସଭା ଓ ଲୋକସଭାରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ 'ନାରୀ ଶକ୍ତି ବନ୍ଦନ' ଉପରେ ଉଦବୋଧନ ଦେଇଛନ୍ତି। ସଂସଦରେ ନାରୀଶକ୍ତି ବନ୍ଦନ ଅଧିନିୟମ ଆଗତ ପରେ ସମସ୍ତଙ୍କ ସହଯୋଗରେ ଏହି ବିଲ ପାରିତ କରିବା ଲକ୍ଷ୍ୟ ରଖିଛନ୍ତି। ଏହି ଉଦ୍‌ବୋଧନ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ସାଧାରଣ ମହିଳା ତଥା ମାଆମାନଙ୍କ ନିକଟରେ ବାର୍ତ୍ତା ପହଞ୍ଚାଇବା ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ତରଫରୁ 'ନାରୀ ଶକ୍ତି ବନ୍ଦନ' ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ମା' ଅମ୍ବିକା ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ସମାପନ ହୋଇଛି। ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ଏଥିରେ ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ବାଙ୍ଗିରିପୋଷି ବିଧାୟିକା ସଞ୍ଜାଳୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ପୂର୍ବତନ ମହିଳା ଆଇନଜୀବୀ ପାର୍ବତୀ ବାରିକ, ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା ସୋନାଲି ମହାନ୍ତ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ବିଜୟଲକ୍ଷ୍ମୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗ ଦେଇଥିଲେ।

# ଅଖଣ୍ଡ ନାମ ସଂକୀର୍ତ୍ତନ

**ଝାରପୋଖରିଆ, ୧୩।୪ (ସୁଧୀର କୁମାର ମହାନ୍ତ)**

ସାରସକଣା ବ୍ଲକ ଜାଲଦା ପଞ୍ଚାୟତର ବାଉଁଶଦା(ପୁରୁଣାଡିହି)ଗ୍ରାମବାସୀଙ୍କ ଉଦ୍ୟମରେ ରବିବାରଠାରୁ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡପରେ ରାଧା ଗୋବିନ୍ଦ ମହାପ୍ରଭୁଙ୍କ ଚତୁର୍ଥ ବାର୍ଷିକ ଅଖଣ୍ଡ ନାମ ସଂକୀର୍ତ୍ତନ ଚାଲିଛି। ଶନିବାର ସଙ୍କୀର୍ତ୍ତନ କମିଟିର ସଭାପତି ନବୀନ ଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅଧିବାସ କର୍ମଣ କରାଯାଇଥିଲା। ରବିବାର ସୁଶାନ୍ତ କୁମାର ମହାନ୍ତ ଓ ମନୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଗ୍ରାମ ବଡ଼ ପୋଖରୀରୁ ବ୍ରାହ୍ମଣ ସତ୍ୟନାରାୟଣ ପଣ୍ଡାଙ୍କ ଦ୍ୱାରା ୨୯ ଘଟ ଉତ୍ତୋଳନ କରାଯାଇ ସଙ୍କୀର୍ତ୍ତନ ମଣ୍ଡପରେ ସ୍ଥାପନା କରାଯାଇଥିଲା। ପରେ ଆମ୍ବଡୁଭି ଗ୍ରାମର ବୈଷ୍ଣବ ବଂଶୀଧର ଦାସଙ୍କ ଦ୍ୱାରା ଭଗିରଥ ମହାନ୍ତ ଓ ତାଙ୍କ ସହଧର୍ମିଣୀ ଭାରତୀ ମହାନ୍ତଙ୍କ ସଂକଳ୍ପରେ ଯଜ୍ଞ ମଣ୍ଡପରେ ରାଧକୃଷ୍ଣଙ୍କୁ ଉପବେଶନ କରି ପୂଜାର୍ଚ୍ଚନା କରାଯାଇଥିଲା। ପରେ ମଣ୍ଡପରେ ଅଖଣ୍ଡ ନାମ ସଙ୍କୀର୍ତ୍ତନ ହୋଇଥିଲା। ପଡୋଶି ପଶ୍ଚିମବଙ୍ଗ ରାଜ୍ୟର ୫ଟି ଦଳକୁ ନେଇ ହରିନାମ କରାଯାଇଛି। କମିଟି ପକ୍ଷରୁ ଭକ୍ତଙ୍କ ନିମନ୍ତେ ଅନ୍ନଛତ୍ର ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ ଧାର୍ମିକ କାର୍ଯ୍ୟକ୍ରମ ପରିଚାଳନାରେ ଦୁର୍ଗା ଚରଣ ମହାନ୍ତ, ପ୍ରଦୀପ୍ତ ମହାନ୍ତ, ରାଜ କିଶୋର ମହାନ୍ତ, ଅବନୀ ମହାନ୍ତ, ଭବସିନ୍ଧୁ ମହାନ୍ତଙ୍କ ସହିତ ଗ୍ରାମର ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ଡା. ବୁଢ଼ାନ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଝାରପୋଖରିଆ, ୧୩।୪ (ସୁଧୀର କୁମାର ମହାନ୍ତ)**

ପୂର୍ବତନ ବିଧାୟକ ଡା. ବୁଢାନ ମୁର୍ମୁ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ଅଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏନେଇ ତାଙ୍କ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଜିଲାରେ ଥିବା ଭାଜପା କର୍ମୀ, ରାଜନେତା, ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଡା. ମୁର୍ମୁ ଝାରପୋଖରିଆ ବଜାରରେ ପହଞ୍ଚିବା ପରେ ତାଙ୍କୁ ଶତାଧିକ ଦଳୀୟ କର୍ମୀ ଓ ଶୁଭେଚ୍ଛୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଦୁର୍ଘଟଣାରେ ବାପ, ପୁଅ ଗୁରୁତର

**ବେତନଟୀ, ୧୩।୪ (ଧରଣୀଧର ମହାନ୍ତି)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ବେତନଟୀ ବଙ୍ଗଳା ଛକଠାରୁ ୫୦୦ ମିଟର ଦୂର ପେଟ୍ରୋଲ ପମ୍ପ ନିକଟରେ ସୋମବାର ଭୋର ସମୟରେ ଦୁର୍ଘଟଣାରେ ବାପ ଓ ପୁଅ ଗୁରୁତର ହୋଇଛନ୍ତି। ଚାରି ଜଣ ତୀର୍ଥ ଯାତ୍ରୀ କାର ଯୋଗେ ଜଗନ୍ନାଥ ଦର୍ଶନ ପାଇଁ ଦିଲ୍ଲୀରୁ ପୁରୀ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ପୁରୀ ଯାଉଥିବା କାରକୁ ଏକ ଟ୍ରକ ଧକା ଦେଇ ପଳାଇ ଯାଇଛି। ଦୁର୍ଘଟଣାପରେ କାରରେ ଥିବା ଯାତ୍ରୀଙ୍କ ମଧ୍ୟରୁ ସୁଖବିର ସିଂହ (୫୫) ଓ ତାଙ୍କ ପୁଅ ଅଜୟ ସିଂହ (୩୮) ଗୁରୁତର ହୋଇଥିବା ବେଳେ କାରଟି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି। ବେତନଟୀ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ୧୩୦ ଅଭିଯୋଗର ହେଲା ଶୁଣାଣି

**ରାଇରଙ୍ଗପୁର, ୧୩।୪ (ମାନସ ମହାନ୍ତି)**

ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁରସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଉପଜିଲାପାଳ ବାସନ୍ତୀ ଲାକ୍ରା, ରାଇରଙ୍ଗପୁର ସମ୍ନିତ୍ତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଯୋଗ ରଞ୍ଜନ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ରବୀନ୍ଦ୍ର ନାଥ ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୧୩୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିଲା। ସେଥିରେ ୯୯ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୩୧ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୪ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆବେଦନର ଗୁରତ୍ୱକୁ ବିଚାର କରି ରେଡକ୍ରସ ପାଣ୍ଠିରୁ ୩ଜଣଙ୍କୁ ୩୦ ହଜାର ଟଙ୍କା ଜିଲାପାଳ ମଞ୍ଜୁର କରିଥିଲେ।

ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଆଶ୍ରମ ସ୍କୁଲ ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୪୬କୁ ବୃଦ୍ଧି

**ମୋରଡ଼ା/ରସଗୋବିନ୍ଦପୁର, ୧୩।୪ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ଅସୁସ୍ଥ ସଂଖ୍ୟା ୧୪୬କୁ ବୃଦ୍ଧି ପାଇଛି। ୩୬ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରବିବାର ରାତିରେ ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ର ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଞ୍ଚି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବ୍ୟସ୍ଥା ବୁଝିବା ସହିତ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଅତିରିକ୍ତ ଜିଲାପାଳ, ଜିଲାସମ୍ପ୍ରସାରଣ ଅଧିକାରୀ ପହଁଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ପହଁଞ୍ଚି ଛାତ୍ରୀଛାତ୍ରଙ୍କ ଚିକିତ୍ସା ବାବଦରେ ଡାକ୍ତରଙ୍କ ସହିତ ଆଲୋଚନା କରିବା ସହିତ ଦୁଇଟି ଆମ୍ବୁଲାନ୍ସ ସବୁବେଳେ ଡାକ୍ତରଖାନାରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମୟୂରଭଞ୍ଜ ମହାରାଜା ପ୍ରବୀଣଚନ୍ଦ୍ର ଭଞ୍ଜଦେଓ, ଜେଏମଏମ ଜିଲାସଭାପତି କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଡାକ୍ତରଖାନାରେ ପହଁଞ୍ଚି ଏହା ଏକ ଦୁର୍ଭାଗ୍ୟ ଜନକ ଘଟଣା ବୋଲି କହିବା ସହିତ ଚିକିତ୍ସା ସମ୍ବନ୍ଧରେ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ବେଡ୍ ସୁବିଧା ନ ଥିବାରୁ ଅସୁସ୍ଥ ଅନ୍ତେବାସୀମାନେ ଡାକ୍ତରଖାନା ବାହାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ତେବେ ପ୍ରଶାସନ ପକ୍ଷରୁ ସୋମବାର ବିକଳ୍ପ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା। ଯେଉଁ ଛାତ୍ରୀଛାତ୍ରମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଛି ସେମାନଙ୍କୁ ଆଶ୍ରମ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଉଛି ଏବଂ ସେମାନଙ୍କ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେଠାରେ ରହି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏକ ଟିମ ମଧ୍ୟ ରହିଛନ୍ତି। ଏନେଇ ସିଡିଏମଙ୍କୁ ପଚାରିବାରୁ ଆଶ୍ରମରେ ବ୍ୟବହୃତ ହେଉଥିବା ପାଣିକୁ ଟେଷ୍ଟ ପାଇଁ ଲ୍ୟାବକୁ ପଠାଯାଇଛି ଏବଂ ଠିକ୍ ଚିକିତ୍ସା ଚାଲିଛି ବୋଲି କହିଛନ୍ତି। ତେବେ ଉକ୍ତ ଘଟଣା ଘଟିବାର ରହସ୍ୟ ଧୀରେ ଧୀରେ ବାହାରକୁ ଆସୁଥିବାର ଜଣାପଡିଛି। ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ୨୮ ଦିନରେ ପହଞ୍ଚିଲା ଧାରଣା


ଧାରଣାରତ ଜେଏମ୍‌ଏମ୍ କାର୍ଯ୍ୟକର୍ତ୍ତାମାନେ।

**ମୋରଡ଼ା, ୧୩।୪ (ସ୍ମାରକ ମାଜୀ)**

ମୋରଡ଼ା ବ୍ଲକ୍ ଅଧୀନ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗତ ମାର୍ଚ୍ଚ ୧୭ ତାରିଖଠାରୁ ଚାଲିଥିବା ଧାରଣା ୨୮ ଦିନରେ ପହଞ୍ଚିଛି। ଜେଏମଏମ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସୁଛନ୍ତି। ଉକ୍ତ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେଶିନ ସ୍ଥାପନ ଏବଂ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ନେଇ ସଭାପତି ଦାସ ଦାବି କରିଛନ୍ତି। ତେବେ ପୂର୍ବରୁ ଧାରଣାସ୍ଥଳରେ ଜିଲା ଚିକିତ୍ସା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ, ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁବାସ ନାଏକ ପ୍ରମୁଖ ପହଞ୍ଚି ସଭାପତି ଦାସଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଆଲୋଚନା ସଫଳ ହୋଇ ନ ଥିଲା। ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କହିଥିଲେ ସଭାପତି ଦାସ। ତେବେ ଧାରଣା ଗତ ୨୮ ଦିନ ଧରି ଚାଲିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଆଖି ବୁଜି ଦେବା ସହିତ କୌଣସି ସମାଧାନର ବାଟ କାଢୁ ନାହିଁ। ଫଳରେ ଲୋକଙ୍କ ସମସ୍ୟା କିଭଳି ସମାଧାନ ହେବ ବୋଲି ପ୍ରଶ୍ନ କରିଛନ୍ତି ଦାସ। ସୋମବାର ଓଲ ଟାଇମ ହେଲପିଙ୍ଗ ସ୍ୱେଚ୍ଛାସେବୀ ସଂଗଠନ ଉକ୍ତ ଧାରଣାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

# ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଗୋପବନ୍ଧୁ ନଗର, ୧୩।୪ (ଶାନ୍ତନୁ କୁମାର ମଣ୍ଡୁଆଲ)**

ଦାଦନ ଖଟିବାକୁ ଯାଇଥିଲେ ଗୁଜୁରାଟ। ହଠାତ ଅସୁସ୍ଥ ହେବାରୁ ଘରକୁ ଅଣାଗଲା, ମାତ୍ର ପରିବାର ଓ ସ୍ୱାମୀଙ୍କ ଆଖି ଆଗରେ ଚାଲିଗଲା ମହିଳାଙ୍କ ଜୀବନ। ଏପରି ଘଟଣା ଘଟିଛି ଖୁଣ୍ଟା ଥାନା ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ସାତ ଖଣିଆ ଗ୍ରାମରେ। ମୃତ ମହିଳା ଜଣକମ ହେଲେ ବୁଧିଆ କିସ୍କୁଙ୍କ ସ୍ତ୍ରୀ ଯମୁନା (୩୦)। ଯମୁନା ୨ ବର୍ଷ ହେବ କାମ କରିବାକୁ ଗୁଜୁରାଟ ଯାଇଥିଲେ। କିଛି ଦିନ ତଳେ ହଠାତ୍ ଅସୁସ୍ଥ ହୋଇ ପଡିବାରୁ ସେଠାକାର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ପରେ ତାଙ୍କୁ ଘରକୁ ଅଣା ଯାଇଥିଲା। ରବିବାର ଯମୁନାଙ୍କ ଅବସ୍ଥା ବିଗିଡିବାରୁ ତାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ଯମୁନାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୦/୨୬) ରୁଜୁ ହୋଇଛି।

# ଉଡ଼ାପର୍ବ: ହୋଇପାରିଲାନି ସମ୍ବର୍ଦ୍ଧନା

**ବାରିପଦା, ୧୩।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଶୈବ ଓ ଶାକ୍ତ ମାନଙ୍କର ବିଶେଷ ପର୍ବ ହେଉଛି ଉଡାପର୍ବ। ଯାହା ଚୈତ୍ର ମାସରୁ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତିରେ ସମାପ୍ତ ହୋଇଥାଏ। ମୟୂରଭଞ୍ଜ ଜିଲାରେ ଚୈତ୍ର ମାସର ଶେଷ ସମୟରେ ଶିବ ଶକ୍ତିଙ୍କୁ ଏକ ସ୍ୱତନ୍ତ୍ର ରୀତିନୀତିରେ ଉପାସନା କରି ଅନୁଷ୍ଠିତ ହେଉଥିବା ପାରମ୍ପରିକ ପର୍ବକୁ ଉଡ଼ାପର୍ବ ବୋଲି କୁହାଯାଇଥାଏ। ତେବେ ରାଜାରାଜୁଡା ସମୟରୁ ବାରିପଦାର ରାଜବାଟି ତଥା ବର୍ତ୍ତମାନର ଏମ୍‌ପିସି ଜୁନିଅର କଲେଜ ସମ୍ମୁଖରେ ଉଡାପର୍ବ ପାଳିତ ହେଉଥିବା ବେଳେ, ଭକ୍ତାମାନେ ଶୁଭ ଘଟ ନେଇ ମହା ବିଷୁବ ସଂକ୍ରାନ୍ତିର ପୂର୍ବଦିନ ଚୈତ୍ରପର୍ବ ମଞ୍ଚରେ ନିଶାଭର ରାତିରେ ନିଜର ସ୍ୱତନ୍ତ୍ର କଳା କୌଶଳ ପ୍ରଦର୍ଶନ କରିଥାନ୍ତି। ମାତ୍ର ଚଳିତ ଥର ରବିବାର ବିଳମ୍ବିତ ରାତିରେ ଶୁଭଘଟ ସ୍ଥାପନା କରିଥିଲେ। ପରେ ଦୁଇ ପକ୍ଷ ମଧ୍ୟରେ ମନୋମାଳିନ୍ୟ ପାଇଁ ମଞ୍ଚରେ ନିଶାଭର ରାତିରେ ସ୍ୱତନ୍ତ୍ର କଳା କୌଶଳ ପ୍ରଦର୍ଶନ କରି ନ ଥିଲେ କିମ୍ବା ଜିଲା ପ୍ରଶାସନ ସେମାନଙ୍କୁ ସମ୍ବର୍ଦ୍ଧିତ କରିପାରି ନ ଥିଲେ। ଅତିରିକ୍ତ ଜିଲାପାଳ ଦୁଃଖିବନ୍ଧୁ ନାୟକ ରାତି ୩ଟା ପର୍ଯ୍ୟନ୍ତ ଅପେକ୍ଷା କରି ଫେରିଥିଲେ।

# ପରିଚୟ ହରାଇବ ଐତିହାସିକ ପୋଡ଼ାଡ଼ିହା ଡାକବଙ୍ଗଳା

**କପ୍ତିପଦା, ୧୩।୪ (ବିଷ୍ଣୁ ଚରଣ ପୁଥାଳ)**

## ପୂର୍ତ୍ତ ବିଭାଗର ଅଣଦେଖା

ମୟୂରଭଞ୍ଜ ରାଜତନ୍ତ୍ର ସମୟର ଅନେକ ଐତିହ୍ୟ ଏବେ ବି ଉଜ୍ଜୀବିତ ରହି ଗରିମାମୟ ଅତୀତକୁ ମନେପକାଇ ଦେଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଆଜି ସେସବୁ ଶ୍ରୀହୀନ ହେବାକୁ ବସିଲାଣି। କପ୍ତିପଦା ଅଞ୍ଚଳରେ ଅଦରକାରୀ ତଥା ବ୍ୟବାହର ଅନୁପଯୋଗୀ କେତେକ କୋଠାଘରକୁ ପୂର୍ତ୍ତ ବିଭାଗ ଅଯଥାରେ ମରାମତି କରି ଠିକାଦାରଙ୍କୁ ପୋଷୁଥିବାବେଳେ ପୋଡାଡିହାଠାରେ ଅବସ୍ଥିତ ଏକ ଐତିହାସିକ ଡାକବଙ୍ଗଳାକୁ ସଂପୂର୍ଣ୍ଣ ରୂପେ ଅଣଦେଖା କରିଦେଇଛି।

ଜରାଜୀର୍ଣ୍ଣ ହେଲେ ମଧ୍ୟ ଅନ୍ୟନ୍ୟ କୀର୍ତ୍ତିରାଜି ହେଉଛି ପୋଡ଼ାଡ଼ିହା ଡାକବଙ୍ଗଳା। ରାଜା ମହାରାଜାମାନଙ୍କ ସ୍ମୃତିକୁ ଦଣ୍ଡାୟମାନ। ଏହି ଡାକବଙ୍ଗଳାର ନିର୍ମାଣ ସମୟକୁ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳି ନ ଥିଲେ ବି ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ ସମୟରେ ଏହା ତିଆରି ହୋଇଥିବା ଅଞ୍ଚଳର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମତ ଦିଅନ୍ତି। ଆନୁମାନିକ ଉକ୍ତ ଡାକବଙ୍ଗଳାଟି ୧୨୮ବର୍ଷ ତଳର ବୋଲି ଅନୁମାନ କରାଯାଉଛି। ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ଶୀକାର କରିବା ଉଦ୍ଦେଶ୍ୟରେ ମେଘାସନ ପର୍ବତମାଳାର ଶିମିଳିପାଳ ଭିତରକୁ ଆସୁଥିବାରୁ ବିଶ୍ରାମ ନେବା ଉଦ୍ଦେଶ୍ୟରେ ସେ ଏହାକୁ ନିର୍ମାଣ କରିଥିଲେ ବୋଲି ସୂଚନା ମିଳେ। ବିଶ୍ୱଯୁଦ୍ଧ ସମୟରେ ଇଂରେଜମାନେ ଏହି ବଙ୍ଗଳାରେ ରହି ମନଭଙ୍ଗା–ଡଙ୍ଗାଡିହା ରାସ୍ତାର ପାହାଡ଼ ଉପରେ ଥିବା 'ନଳଖଞ୍ଚା' ଠାରେ ଭୂତଳ ଘର ନିର୍ମାଣ କରୁଥିଲେ ବୋଲି କୁହାଯାଉଛି। ଡାକବଙ୍ଗଳାଟିର ନିର୍ମାଣଶୈଳୀ ରାଜକୀୟ ଢାଞ୍ଚାରେ ହୋଇଛି। ଏହାର ପରିସର ୭ ଏକର ପରିବ୍ୟାପ୍ତ। ସେହି ପରିସରରେ ପୂର୍ବରୁ ହାତୀଘର ସହିତ ଘୋଡ଼ାଶାଳ ଥିଲା। ମହାରାଜାମାନେ ଜୀବଜନ୍ତୁ ଶୀକାର କରିବାକୁ ଶିମିଳିପାଳର 'ଭଞ୍ଜବସା' ନାମକ ଏକ ସ୍ଥାନକୁ ଯାଆନ୍ତି। ତେବେ ପୋଡାଡିହାରୁ ଭଞ୍ଜବସାର ଦୂରତା ୨୦ କି.ମି ତଥା ପଥୁରିଆ ରାସ୍ତା ଥିବାରୁ ମହାରାଜା ପୋଷା ହାତୀ ପିଠିରେ ବସି ଭଂଜବସାକୁ ଯାଇଥାନ୍ତି। ସେଥିପାଇଁ ଦୁଇରୁ ତିନଟି ହାତୀ ସବୁବେଳେ ଉକ୍ତ ବଙ୍ଗଳା ପରିସରରେ ରହିଥାନ୍ତି। ତେଣୁ ହାତୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସେଠାରେ ମହାରାଜା ହାତୀଘର ନିର୍ମାଣ କରିଥିଲେ।


ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୋଡ଼ାଡ଼ିହା ଡାକବଙ୍ଗଳା।

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଉକ୍ତ ଡାକବଙ୍ଗଳାର ରକ୍ଷଣାବେକ୍ଷଣ ପାଇଁ ପୂର୍ତ୍ତ ବିଭାଗ ଏହାକୁ ନିଜ ଅଧୀନକୁ ନେଇଥିଲା। ତେବେ ୯୦ ଦଶକ ପର୍ଯ୍ୟନ୍ତ ଉକ୍ତ ଡାକବଙ୍ଗଳାଟି କାର୍ଯ୍ୟକ୍ଷମ ଥିଲା। ପର୍ଯ୍ୟଟକଟିଏ ତାର ଗନ୍ତବ୍ୟସ୍ଥଳକୁ ଯିବା ପୂର୍ବରୁ ଘଡିଏ ଏହି ଡାକବଙ୍ଗଳାରେ ଅଟକିଯିବାକୁ ବାଧ ହେଉଥିଲା। ଦୀନବନ୍ଧୁ ଗୁଡୁ ନାମକ ଜୈନକ ରାତ୍ରୀ ଜଗୁଆଳି ଏହାକୁ ରକ୍ଷଣାବେକ୍ଷଣ କରୁଥିଲେ। ତେବେ ସେ ଅବସର ନେବା ପରେ ଉକ୍ତ ଡାକବଙ୍ଗଳାଟି ପ୍ରତି ଅଣଦେଖା କରାଗଲା। ଏହା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟି ଗଲା। ଏବେ ଏହାର ପରିସରକୁ ବିଭିନ୍ନ ବ୍ୟକ୍ତି କବ୍‌ଜା କରିନେଲେଣି। ବଙ୍ଗଳାର କବାଟ, ଝରକା ସହିତ ଅନ୍ୟାନ୍ୟ ବହୁମୂଲ୍ୟ ଆସବାବ ପତ୍ର ଚୋରି ହୋଇଗଲାଣି। ଆଉ କିଛି ବର୍ଷ ପରେ ଏହି ଐତିହାସିକ ଡାକବଙ୍ଗଳାର କୌଣସି ଚିହ୍ନବର୍ଣ୍ଣ ରହି ନ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି।

ଏହି ଡାକବଙ୍ଗଳାର ଅନତି ଦୂରରେ ଥିବା ବିଖ୍ୟାତ 'ଶମୀବୃକ୍ଷ' ପର୍ଯ୍ୟଟନ କ୍ଷେତ୍ର ଓ ସୌନ୍ଦର୍ଯ୍ୟଭରା କାଳବନ୍ଧ ସହିତ ଶକ୍ତିକ୍ଷେତ୍ର ଦେବକୁଣ୍ଡ ଏବଂ ସ୍ଥାନୀୟ ଅଞ୍ଚଳର ଦର୍ଶନୀୟ ସ୍ଥାନ ଚିଙ୍ଗୁଡିଆ ଓ ମାଛକାନ୍ଦଣା ଜଳପ୍ରପାତକୁ ନେଇ ଏକ ପର୍ଯ୍ୟଟନ ବଳୟ ଘୋଷଣା କରିବା ସରକାରଙ୍କ ବିଚାରଧୀନ ଥିବାରୁ ଆଗାମୀ ଦିନରେ ପୋଡ଼ାଡ଼ିହା ଡାକବଙ୍ଗଳାର ଗୁରୁତ୍ୱ ବଢ଼ିବ ବୋଲି ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସାହିତ୍ୟକ ଇନ୍ଦ୍ରମଣି ବିନ୍ଧାଣୀ କହିଛନ୍ତି। ଏହାର ପୁନଃନିର୍ମାଣ କରିବାକୁ ସେ ଦାବି କରିଛନ୍ତି। ପୂର୍ତ୍ତ ବିଭାଗ ଏଭଳି ଏକ ଐତିହାସିକ ଡାକବଙ୍ଗଳାକୁ ଅଣଦେଖା କରିବାକୁ ନେଇ ସାଧାରଣରେ ନିନ୍ଦା କରାଯିବା ସହିତ ଏହାର ପୁନରୁଦ୍ଧାର କରି କାର୍ଯ୍ୟକ୍ଷମ କରିବାକୁ ପୋଡାଡିହା ଗ୍ରାମବାସୀ ଦାବି କରିଛନ୍ତି। ସାମାଜିକ କର୍ମୀ ମୋହନ ଚରଣ ଦାସ କୁହନ୍ତି, ବଙ୍ଗଳାଟିର ଉନ୍ନତି ହେଲେ ରାଜ୍ୟ ତଥା ରାଜ୍ୟବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ରାତ୍ରିଯାପନ କରି ଏ ଅଞ୍ଚଳରେ ଥିବା ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ବୁଲିଯାଇ ପାରନ୍ତେ। ଏ ସମ୍ପର୍କରେ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର କିସାନଙ୍କୁ ପଚାରିବାରୁ ଡାକବଙ୍ଗଳା ପାଇଁ କର୍ମଚାରୀ ନ ଥିବାରୁ ଏହାର ରକ୍ଷଣାବେକ୍ଷଣ କରାଯାଇ ପାରୁନାହିଁ। ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି। କର୍ମଚାରୀ ନିଯୁକ୍ତି ହେଲେ ବଙ୍ଗଳାଟିର ପୁନରୁଦ୍ଧାର କରାଯିବ ବୋଲି ସେ କହିଛନ୍ତି।


ନିଜ ଜିହ୍ୱାରେ ସହସ୍ରାଧିକ ଲୁହାକଣ୍ଟା ଫୋଡି ଭଗବାନଙ୍କୁ ଆରାଧନା।


କାଳୀ ବେଶରେ ମହିଳା ଭକ୍ତ।


ଅଣ୍ଟାରେ ଲୁହା କଣ୍ଟା ଫୋଡି କୃଚ୍ଛ୍ର ସାଧନା କରୁଛନ୍ତି ଜଣେ କୁନି ଭକ୍ତ।


ମହାଦେବଙ୍କ ମୂର୍ତ୍ତି ସହ ଶୋଭାଯାତ୍ରା।

# ସରିଲା ଚନ୍ଦନେଶ୍ୱରଙ୍କ ଚଡ଼କ ମେଳା

■ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

■ ଭକ୍ତଙ୍କ କୃଚ୍ଛ୍ର ସାଧନା

ଭୋଗରାଇ, ୧୩।୪ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚଡ଼କ ମେଳା ସୋମବାର ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶେଷ ହୋଇଛି। ଦୀର୍ଘ ୧୧ଦିନ ଧରି ଚାଲିଆସୁଥିବା ଏହି ମେଳାରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବାଂଲାଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଛୁଟି ଆସିଥିଲେ। ପ୍ରସିଦ୍ଧ ବିରଳ ପାଟ ଉତ୍ସବରେ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ସମାଗମ ହୋଇଥିଲା ବୋଲି ଆକଳନ କରାଯାଇଛି। ଚଳିତବର୍ଷ ରେକର୍ଡସଂଖ୍ୟକ ଉପବୀତଧାରୀ ଶୈବଭକ୍ତ ନିଜ ତଥା ପରିବାରର ମନସ୍କାମନାପୂର୍ଣ୍ଣ ନିମନ୍ତେ ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତାଙ୍କଠାରେ ପୂଜାର୍ଚ୍ଚନା ଓ ଆରାଧନା ନିମନ୍ତେ ମନ୍ଦିରକୁ ଛୁଟିଆସିଥିଲେ। ମହାଦେବଙ୍କ ନୀତିକାନ୍ତି ଓ ଚଡକ ମେଳାର ବିଶେଷ ପୂଜା ପାଠ ସେବାୟତ ଓ ପଣ୍ଡାଙ୍କ ଦ୍ୱାରା କରାଯାଇଥିଲା। ଲକ୍ଷ ଲକ୍ଷ ଶୈବଭକ୍ତ ମନ୍ଦିର ଚାରି ପାଖରେ ମହାଦେବଙ୍କୁ ଆରାଧନା କରି ମନ୍ଦିର ପରିକ୍ରମା, ଦଣ୍ଡ ମାରିବା, ନେତ୍ରନାଳରେ ଜଳାଭିଷେକ କରିଥିଲେ। ଅପରାହ୍ନରେ ମହାଦେବଙ୍କଠାରୁ ଆଜ୍ଞାମାଳ ନେଇ ଜୀଉଙ୍କ ମୁଖ୍ୟ ସେବାୟତ ତଥା ମୌରସୀ ତପନ କୁମାର ପଣ୍ଡା ଏବଂ ଉପମୌରସୀ ବୁଦ୍ଧଦେବ ପଣ୍ଡା, ସେବାୟତ, ପଣ୍ଡା, ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡ଼ି, ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ ଶ୍ରଦ୍ଧାଳୁମାନେ ଚନ୍ଦନେଶ୍ୱର ନିକଟସ୍ଥ ବାଡ଼ସରିସା ଗ୍ରାମର ଜୀଉଙ୍କ ହାକାଣ୍ଡ ପୋଖରୀରେ ସମବେତ ହୋଇଥିଲେ। ହାକାଣ୍ଡ ପୋଖରୀରୁ ସେବାୟତ, ପଣ୍ଡା, ଟ୍ରଷ୍ଟବୋର୍ଡର ସଦସ୍ୟ, ଜୀଉଙ୍କ ୧୩ ଜଣ ଶ୍ରେଷ୍ଠ ଭକ୍ତ, ଦଶନଖି ମିଳିତ ହୋଇ ଶ୍ରୀଜୀଉଙ୍କ ଯାତ୍ରାଙ୍ଗୀ ଶିବ-ଦୁର୍ଗା ଘଟକୁ ପୁଷ୍ପମାଲ୍ୟ ଓ ଚନ୍ଦନରେ ଭୂଷିତ କରାଯାଇଥିଲା। ଜୀଉଙ୍କ ଘଟଦ୍ୱୟକୁ ମୁଣ୍ଡରେ ରଖି ଶ୍ରେଷ୍ଠ ଭକ୍ତ ସହ ସେବାୟତ, ପ୍ରଶାସନ, ଉପବୀତଧାରୀ ଶୈବଭକ୍ତ ସହ ବାଦ୍ୟକାରମାନେ ଢାକ ଢୋଲ, ସାହାନାଇ , ରୋଷଣୀ ଫୁଟାଇ ବାଦ୍ୟର ତାଳେତାଳେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ୧କି.ମି. ରାସ୍ତା ଅତିକ୍ରମ କରି ମନ୍ଦିର ବିଜେ କରିବା ବେଳେ ରାସ୍ତାଘାଟ ଉଚ୍ଛୁଳି ପଡିଥିଲା। ଏହି ଦୃଶ୍ୟ ଦେଖି ରାସ୍ତାର ଉଭୟପାର୍ଶ୍ୱରେ ଲକ୍ଷାଧିକ ଶ୍ରଦ୍ଧାଳୁ ବିମୋହିତ ହୋଇଥିଲେ। ସହସ୍ରାଧିକ ମାନସିକ ଶୈବଭକ୍ତ ନିଜ ଜିହ୍ୱା ଓ ଶରୀରରେ ସହସ୍ରାଧିକ ଲୁହାକଣ୍ଟା ଫୋଡି ଭୋଳାନାଥଙ୍କଠାରେ କୃଚ୍ଛ ସାଧନା କରିଥିଲେ। ଅଘୋରୀ ମନମତାଣିଆ ନୃତ୍ୟ ଯାତ୍ରୀଙ୍କୁ ଆମୋଦ ଦେଇଥିଲା। ଜୀଉଙ୍କଠାରେ ବହୁ ମାନସିକ ମହିଳା ଶୈବଭକ୍ତ ଭୋଳାନାଥଙ୍କ ସ୍ୱପ୍ନାଦେଶ ସିଦ୍ଧି ଲାଭ କରି ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ସମସ୍ତ ଉପବୀତଧାରୀ ଶୈବଭକ୍ତ ମହାଦେବଙ୍କ ଅର୍ଘ୍ୟପିଣ୍ଡରେ ଶେଷଅର୍ଘ୍ୟ ପ୍ରଦାନ କରି ବ୍ରତ ଶେଷ କରିଥିଲେ। ପ୍ରସିଦ୍ଧ ପାଟ ଉତ୍ସବରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲାପାଳ ଶିବ ମାଲଭିୟ, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଏମ୍‌ପି ପ୍ରତାପ ଷଡଙ୍ଗୀ, ବିଧାୟକ ଗୌତମବୁଦ୍ଧ ଦାସ, ଅଶ୍ୱିନୀ ପାତ୍ର, ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୂର୍ଯ୍ୟକାନ୍ତ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଅନନ୍ତଦାସ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଇଂ. ଅଭିଜିତ ଦାସ, ବିଶିଷ୍ଟ ସାମାଜିକ କର୍ମୀ ତଥା ଶିକ୍ଷାବିତ ବିଦ୍ୟୁବେନ୍ଦୁ ପାତ୍ର, ସତ୍ୟଶିବ ଦାସ, ଜିଲାପରିଷଦର ପୂର୍ବତନ ଅଧ୍ୟକ୍ଷା ନିବେଦିତା ମାହାନ୍ତି, ଜିଲାପରିଷଦ ସଦସ୍ୟା ପ୍ରତିମା ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେଧି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପାଟ ଉତ୍ସବ ପର୍ଯ୍ୟନ୍ତ ୬ ହଜାର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ କମଳାକାନ୍ତ ଜେନା ସୂଚନା ଦେଇଥିଲେ। ସେହିପରି ଅନୁରୂପ ଭାବେ ସୁବର୍ଣ୍ଣରେଖା ନଦୀ କୂଳରେ ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ଓ କୁମ୍ଭାରମୁଳି ଗ୍ରାମରେ ବାବା ଧବଳେଶ୍ୱର ମହାଦେବଙ୍କଠାରେ ଚିତ୍ତାକର୍ଷକ ଅତାସବାଜି ଦ୍ୱାରା ଅନୁରୂପ ଭାବେ ପାଟ ଉତ୍ସବ ଶାନ୍ତି ଶୃଙ୍ଖଳାରେ ଉଦ୍‌ଯାପିତ ହୋଇଥିଲା।


ମାନସିକଧାରୀ ଜଣେ ଭକ୍ତ।

# ତାଳପତ୍ର ପୋଥି ଜାତିର ଆତ୍ମା ଭାବରେ ପରିଚିତ

## ଏଫ୍‌ଏମ୍‌ୟୁକୁ ୫୦ଖଣ୍ଡ ପୋଥି ଦାନ



କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର, ୧୩।୪(ବାଞ୍ଛାନିଧି ଦେ)

ଓଡ଼ିଶାରେ ରହିଥିବା ୧ ଲକ୍ଷରୁ ଊର୍ଦ୍ଧ୍ୱ ତାଳପତ୍ର ପୋଥି ଜାତିର ଆତ୍ମା ଭାବେ ପରିଚିତ। ସେହି ପୋଥିରୁ ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ କାବ୍ୟ ସଂଗ୍ରହ କରି ତତ୍କାଳୀନ ଜିଲାପାଳ ଜନ୍ ବୀମସ୍ ଏସିଆଟିକ୍ ସୋସାଇଟି ପତ୍ରିକାରେ ପ୍ରବନ୍ଧ ପ୍ରକାଶ କରିଥିଲେ। ତାହା ଥିଲା ଓଡ଼ିଶାର ସାହିତ୍ୟଭିତ୍ତିକ ପ୍ରଥମ ପ୍ରବନ୍ଧ ଓ ସେଥିପାଇଁ ଓଡ଼ିଆ ଭାଷା ପ୍ରତିଷ୍ଠିତ ହୋଇପାରିଥିଲା ବୋଲି ବାଲେଶ୍ୱର ସହରସ୍ଥିତ ସ୍ରଷ୍ଟା ନାଟ୍ୟାଳୟ ପରିସରରେ ରବିବାର ଅୟୋଜିତ ପୋଥି ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ୫୦ଖଣ୍ଡ ପୋଥିଦାନ କରାଯାଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ପୋଥି ଭବିଷ୍ୟତର ଗବେଷକମାନଙ୍କ ପାଇଁ ଏକ ଅମୂଲ୍ୟ ରତ୍ନ ପରି ବ୍ୟବହାର ହେବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ପୃଥିବୀରେ ପୋଥି ବ୍ୟବହାରର ଇତିହାସ ସମ୍ପର୍କରେ ଆଲୋଚନା କରି ଓଡ଼ିଶାର ପୋଥି ବ୍ୟବହାର ଅନନ୍ୟ ବୋଲି ମତ ଦେଇଥିଲେ। ଅବସରପ୍ରାପ୍ତ ଜିଲା ସଂସ୍କୃତ ନିର୍ଦ୍ଦେଶକ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ଓ ଶ୍ରୀରାମ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ପୋଥିର ସଂଗ୍ରହ ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ଗାୟିକା କଲ୍ୟାଣୀ ନନ୍ଦ କିଶୋର ଚନ୍ଦ୍ରାନନ୍ଦ ଚମ୍ପୁଗାନ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୋଥି ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଝୁମରନାଥ ପାତ୍ର ଅତିଥି ପରିଚୟ ଓ ସଙ୍ଗଠନ ସମ୍ପାଦକ ତପନ ରାୟ ଧନ୍ୟବାଦ ଦେଇଥିଲେ।

# ଖଗଡ଼େଶ୍ୱର ମହାଦେବଙ୍କ ଚଡ଼କ ଯାତ୍ରା ଉଦ୍‌ଯାପିତ

## ୫୦ ହଜାରରୁ ଅଧିକ ଭକ୍ତଙ୍କ ସମାବେଶ

ବାଲିଆପାଳ, ୧୩।୪(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ମଧୁପୁରା ପଞ୍ଚାୟତ ଖଗଡାପାଳ ଗ୍ରାମର ସର୍ବପୁରାତନ ଶୈବପୀଠ ଖଗଡେଶ୍ୱର ମହାଦେବଙ୍କର ଚଡ଼କ ଯାତ୍ରା ସୋମବାର ମହାଆଡମ୍ବରରେ ଉଦ୍‌ଯାପିତ ହୋଇଯାଇଛି। ଅନୁକୂଳ ପାଗ ପାଇଁ ୫୦ ହଜାରରୁ ଅଧିକ ଭକ୍ତଙ୍କ ସମାବେଶ ହୋଇଥିଲା। ଖଗଡ଼େଶ୍ୱର ପୀଠରେ ୧୩ଦିନ ଧରି ବ୍ରତଧାରଣ କରିଥିବା ବ୍ରତଧାରୀମାନେ ସୋମବାର ଅପରାହ୍ନରେ ଏକ ବିଶାଳ ଶୋଭାଯାତ୍ରାରେ ଶିବ ଓ ଦୁର୍ଗାଙ୍କ ସ୍ୱରୂପ କୁହାଯାଉଥିବା ଘଟକୁ ମୁଣ୍ଡାଇ ପରସ୍ପରକୁ ଚନ୍ଦନ ଲଗାଇ ମାଳା ପିନ୍ଧେଇ ଖଗଡେଶ୍ୱର ମନ୍ଦିରଠାରୁ ମଧୁପୁରାସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ। ପରମ୍ପରା ଅନୁଯାୟୀ ଉପବୀତଧାରୀମାନେ ମାଳାଚନ୍ଦିନୀ ହେବା ପରେ ମହାଦେବଙ୍କ ନିକଟରେ ନିଜର ମାନସିକ ରଖିଥିଲେ। ମାନସିକ ପୂରଣ ହେବା ବିଶ୍ୱାସରେ ବହୁ ଭକ୍ତ ସୁସଜ୍ଜିତ ଲୁହାକଣ୍ଟାକୁ ନିଜ ଦେହରେ ଫୋଡ଼ି, ବାଦ୍ୟର ତାଳେ ତାଳେ ନୃତ୍ୟ କରି ମନ୍ଦିରକୁ ଫେରିଥିଲେ । ଶତାଧିକ ମହିଳା ଭକ୍ତ ମୁଣ୍ଡରେ ଝୁଣା ସରା ମୁଣ୍ଡାଇ ଏକ ପଟୁଆରରେ ମନ୍ଦିର ଯାଏଁ ଆସି ବେଢ଼ା ପରିକ୍ରମା କରି ବ୍ରତ ସମାପନ କରିଥିଲେ। ପାଗ ଭଲ ଥିବାରୁ ଚଡ଼କ ମେଳା ଦେଖିବା ପାଇଁ ପ୍ରବଳ ଜନଗହଳି ହୋଇଥିଲା। ଚଡ଼କ ଯାତ୍ରାରେ ବ୍ରତଧାରୀମାନେ ପାଟଭକ୍ତା ପଦ୍ମଲୋଚନ ସାହୁଙ୍କ ନିର୍ଦ୍ଦେଶକୁ ପାଳନ କରିଥିବା ବେଳେ ପ୍ରଭାସ କୁମାର ସାହୁ ଶ୍ରୀବେକିଡ଼ି କାର୍ଯ୍ୟ ତୁଲାଇଥିଲେ। ଜିତେନ୍ଦ୍ରନାଥ ପାଠୀ କାର୍ଯ୍ୟ ତୁଲାଇଥିଲେ।

# ବସନ୍ତ ଉତ୍ସବ ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଅନ୍ତରାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ବାଲେଶ୍ୱର, ୧୩।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରର କାଦରାବାଦସ୍ଥିତ କାନ୍ତେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ୩ଦିନ ବ୍ୟାପୀ ଅନୁଷ୍ଠିତ ବସନ୍ତ ଉତ୍ସବର ରୌପ୍ୟଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମାନ୍ତସିଂହାର, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ବସନ୍ତ ପ୍ରେମ, ପ୍ରୀତିର ଭିନ୍ନ ଅନୁଭୂତି। ଏହି ଉତ୍ସବ ସଂସ୍କୃତି, ପରମ୍ପରାକୁ ଉଦ୍‌ଜୀବିତ କରିବା ସହ ସ୍ଥାନୀୟ ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ ବୋଲି ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ କୈଳାସ ସେଠୀ, କାଉନସିଲର ମିତା ପଟ୍ଟନାୟକ ଓ ସାରଗାଁ ପଞ୍ଚାୟତ ସରପଞ୍ଚ ସାବିତ୍ରୀ ଶତପଥୀ, କମିଟି ସଭାପତି ରିତିକ ଜୀ ଓ ଉପସଭାପତି ସୁମନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କମିଟି ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ଚୌଧୁରୀ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଦେବାଶିଷ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସହ ସମ୍ପାଦକ ଶଙ୍କର୍ଷଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ସରକାରୀ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ସଫଳ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭା ପରେ ଓଲିଉଡ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଓ ସାଥୀମାନେ ଆକର୍ଷଣୀୟ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ତରାଙ୍କ ଯାଦୁକରୀ ସଙ୍ଗୀତରେ ଦର୍ଶକମାନେ ବେଶ୍ ଝୁମିଥିଲେ।

# ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ନେଲେ ବିପିନ ମାରାଣ୍ଡି

ବାଲେଶ୍ୱର, ୧୩।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)


ଜିଲା ମଙ୍ଗଳ ଅଧିକାରୀଙ୍କୁ ଯୋଗଦାନ ପତ୍ର ଦିଆଯାଉଛି।

ବାଲେଶ୍ୱର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ବିପିନ ମାରାଣ୍ଡି ସୋମବାର ଦାୟିତ୍ୱ ନେଇଛନ୍ତି। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ମାରାଣ୍ଡିଙ୍କୁ ମନୋନୀତ କରାଯାଇଛି। ସୋମବାର ପୂର୍ବାହ୍ନରେ ସେ ତାଙ୍କର ଶୁଭେଚ୍ଛୁଙ୍କ ସହ ଜିଲା ମଙ୍ଗଳ କାର୍ଯ୍ୟାଳୟକୁ ଯାଇ ଅଧିକାରିଣୀଙ୍କୁ ଯୋଗଦାନ ପତ୍ର ପ୍ରଦାନ କରି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ରେମୁଣା ବିଧାୟକ ତଥା ବିଧାନସଭା ଉପ ମୁଖ୍ୟସଚେତକଙ୍କ ବ୍ୟକ୍ତିଗତ ସହାୟକ କ୍ରିଷ୍ଣା ସାହା, ଜିଲା ଭାଜପା ସମ୍ପାଦକ ରାକେଶ ମହାପାତ୍ର, ଜିଲା ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ସୁରଝଙ୍କାର ସେଠୀ ଓ ଜିଲା ଗଣମାଧ୍ୟମ ସହ ସଂଯୋଜକ ରଣଜିତ୍ ପୃଷ୍ଟିଙ୍କ ସମେତ ଅନେକ ଶୁଭେଚ୍ଛୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

# ପାରମ୍ପରିକ ଖାଦ୍ୟରେ ମହକିଲା ବ୍ଲକ କାର୍ଯ୍ୟାଳୟ ପରିସର


ଖାଦ୍ୟର ମାନ ପରଖୁଛନ୍ତି ବିଚାରକ ମଣ୍ଡଳୀ।

ବାଲିଆପାଳ, ୧୩।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧାରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ବ୍ଲକର ୨୮ ପଞ୍ଚାୟତରୁ ୩୧ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କର ଖେଚୁଡ଼ି ଭୋଗ, ଗଜା ମିଠା ସମେତ ଦହି ପଖାଳ, ଲେମ୍ବୁ ସରବତ, ବିଭିନ୍ନ ଶାଗ, ଛୁଇଁ, ନାଡୁକା, ଇଞ୍ଚଡ ତରକାରୀ, ହାତ ତିଆରି ବଡ଼ି ଚୁରା ବାଇଗଣ ଭଜା, କଦଳୀ ଭଣ୍ଡା, ମଞ୍ଜା ରାଇ, ବିଭିନ୍ନ ସାମଗ୍ରୀର ପତ୍ରପୋଡାର ସମାହାର ଦେଖିବାକୁ ମିଳିଥିଲା। କଂସା ବାସନ ଏବଂ କଦଳୀ ପତ୍ରରେ ଖାଦ୍ୟକୁ ସୁସଜ୍ଜିତ କରାଯାଇଥିଲା। ବିଚାରକ ଭାବେ ସୁପରଭାଇଜର ଅରୋସ୍ମିତା ସାହୁ, ଜିପିଡିଓ ପ୍ରିୟବ୍ରତ ଗିରି, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଉଦିତ କୁମାର ମହାପାତ୍ର ଖାଦ୍ୟର ମାନକୁ ପରଖିଥିଲେ। ଏହି ପ୍ରତିଯୋଗିତାରେ ମା' ଦୁର୍ଗା ସ୍ୱୟଂସହାୟିକା ଗୋଷ୍ଠୀ, ବେତଗଡିଆର ରିମାଶ୍ରୀ ଦାସ ପ୍ରଥମ, ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟିକା ଗୋଷ୍ଠୀ, ଜଗତିପୁରର ଅସୀମା ପଟ୍ଟନାୟକ ଦ୍ୱିତୀୟ ଓ ସତ୍ୟସାଇ ଜାଣକୁଣ୍ଡାର ନିରୁପମା ବେହେରା, ଜୟ ଜଗନ୍ନାଥ ଶ୍ରୀ ରାମପୁର ଛବିରାଣୀ ଦେ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। ବିଜେତାମାନଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ବିପିଏମ ଉତ୍ତମ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କାଳିକ ଗ୍ରାମରେ ସରକାରୀ ମଦ ଦୋକାନକୁ ବିରୋଧ

## ଜାଗା କିମ୍ବା ଘର ଭଡ଼ା ନ ଦେବାକୁ ଗ୍ରାମବାସୀଙ୍କ ନିଷ୍ପତ୍ତି

ଜଳେଶ୍ୱର, ୧୩।୪ (ନବୀନ ସାହୁ)

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତର କାଳିକ ଗ୍ରାମରେ ସରକାରୀ ମଦ ଦୋକାନ ଖୋଲିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ବନ୍ଧେ ଛକଠାରେ ପୂର୍ବରୁ ଥିବା ଏକ ସରକାରୀ ଠିପି ବନ୍ଦ ମଦ ଦୋକାନର ୫ ବର୍ଷୀୟା କାର୍ଯ୍ୟକାଳ ଗତ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଥିଲା। ତେବେ ସରକାର ଏହାର ଅବଧିକୁ ଆଉ ୨ ମାସ (ମେ ମାସ ପର୍ଯ୍ୟନ୍ତ) ବୃଦ୍ଧି କରାଯାଇଛି। ମେ'ରେ ଏହାର ଅବଧି ସରିଲେ ଆଉ ଗ୍ରାମରେ ସରକାରୀ ମଦ ଦୋକାନ ଖୋଲିବା ପାଇଁ ଦିଆଯିବ ନାହିଁ ନେଇ ରବିବାର ସନ୍ଧ୍ୟାରେ କାଳିକ ଚନ୍ଦେନେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ମଦ୍ୟପାନର କୁପ୍ରଭାବରୁ ଯୁବପିଢ଼ିଙ୍କୁ ରକ୍ଷା କରିବା ପାଇଁ ଗ୍ରାମରେ ଆଉ ମଦ ଦୋକାନ ଚଳାଇବାକୁ ଦିଆଯିବ ନାହିଁ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଗ୍ରାମବାସୀ ଏକଜୁଟ ହୋଇ ଗ୍ରାମର କୌଣସି ବ୍ୟକ୍ତି ମଦ ଦୋକାନ ଖୋଲିବା ପାଇଁ ନିଜର ଜାଗା କିମ୍ବା ଘର ଭଡ଼ା ଦେବେ ନାହିଁ। ଯଦି କେହି ଏହି ନିଷ୍ପତ୍ତିର ଖିଲାପ କରି ଜାଗା ଯୋଗାଇ ଦିଅନ୍ତି, ତେବେ ତାଙ୍କୁ ଗ୍ରାମ ତରଫରୁ କୌଣସି ପ୍ରକାର ସାହାଯ୍ୟ କିମ୍ବା ସହଯୋଗ କରାଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି। ଏହି ବିରୋଧ ସମ୍ପର୍କରେ ଗ୍ରାମବାସୀ ବାଲେଶ୍ୱର ଜିଲାପାଳ ଏବଂ ଜିଲା ଅବକାରୀ ବିଭାଗକୁ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀଙ୍କ କହିବା କଥା ଯେ, କାଳିକ ଗ୍ରାମକୁ ବାଦ୍ ଦେଇ ଅନ୍ୟ କୌଣସି ସ୍ଥାନରେ ମଦ ଦୋକାନ ହେଲେ ସେମାନଙ୍କର କୌଣସି ଆପତ୍ତି ରହିବ ନାହିଁ, ମାତ୍ର ନିଜ ଗ୍ରାମ ଭିତରେ ସେମାନେ ଏହାକୁ ପ୍ରଶ୍ରୟ ଦେବେ ନାହିଁ। ବୈଠକରେ ଗ୍ରାମର ତରୁଣ ପଟ୍ଟନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ସୁନୀଲ ବିଶ୍ୱାଳ, ମୁକ୍ତିକାନ୍ତ ପଟ୍ଟନାୟକ, ରାଜ କୁମାର ମଲ୍ଲିକ, ଗୋପାଳ ଚନ୍ଦ୍ର ମହାନ୍ତି, ଚନ୍ଦନ ଦାସଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଗ୍ରାମବାସୀ।










## ସଂକ୍ଷେପରେ

### ବୃଦ୍ଧଙ୍କ ଆତ୍ମହତ୍ୟା

ଆନନ୍ଦପୁର,୧୩।୪(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ପଣ୍ଡୁଆ ଗ୍ରାମର ବୃଦ୍ଧ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଶାଳବଣି ପଞ୍ଚାୟତ ପଣ୍ଡୁଆ ଗ୍ରାମର ଘନ ନାଏକ (୭୧)। ସେ ଶନିବାର ରାତିରେ କୌଣସି କାରଣରୁ ସ୍ଥାନୀୟ କେନାଲ ନିକଟରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରବିବାର ସକାଳୁ ପରିବାର ଲୋକେ ଖୋଜାଖୋଜି କରି କେନାଲ ନିକଟରେ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିକୁ ଖବର ଦେଇଥିଲେ। ଆନନ୍ଦପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ କରୁଛି।

### ଅଖଣ୍ଡ ମହିମା ଯଜ୍ଞ ଉଦ୍‌ଯାପିତ

କେନ୍ଦୁଝର,୧୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ବ୍ଲକ୍ ବାଉରୀପଦା ପଞ୍ଚାୟତ କେମ୍ପସଡ଼ାରେ ଅଲେଖ ମହିମାଙ୍କର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ପଞ୍ଚଶଖା ସେବା ସଂଘ କେମ୍ପସଡ଼ା ଆନୁକୂଲ୍ୟରେ ଆୟୋଜିତ ନାମ ଯଜ୍ଞରେ ମହିମା ଗାଦିର ବାବା ବିଦ୍ୟାଧର ଦାସ ଏବଂ ବାବା ବିଜୟ ଦାସ ବ୍ରହ୍ମ ଧୂନି ସ୍ଥାପନ କରି ଯଜ୍ଞ ପରିଚାଳନା କରିଥିଲେ। ଅଖଣ୍ଡ ଯଜ୍ଞରେ ରାଇସୁଆଁ, ବାଂଶପାଳ, ବାଲିପଷି, ପତଳା ପ୍ରଭୃତି ଭଜନ ମଣ୍ଡଳୀଗୁଡ଼ିକ ଯୋଗଦେଇ ସନ୍ଥ କବି ଭୀମଭୋଇ, ନାରଣ ଦାସ, ଗୋରେଖ ଦାସଙ୍କ ରଚିତ ଭଜନ ଗାନ କରିଥିଲେ। ଅଖଣ୍ଡ ଯଜ୍ଞ ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଯଜ୍ଞ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଜଣ ସମାଗମ ହୋଇଥିଲା। ଯଜ୍ଞ ଶେଷରେ ସମସ୍ତ କମିଟି ସଦସ୍ୟ ଏବଂ ଅଞ୍ଚଳର ମା' ଭଉଣୀଙ୍କ ଉପସ୍ଥିତିରେ ଚୁଡ଼ାଟେକା, ବାଲ୍ୟଲୀଳା ପରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। କମିଟି ପକ୍ଷରୁ ନରେଶ ପାତ୍ର, ଯୋଗେନ୍ଦ୍ର ପାତ୍ର, ରମେଶ ପାତ୍ର, ଲଗେନ ପାତ୍ର, କୌଶିକ ପାତ୍ର, ବିଜୟ ପାତ୍ର ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ।

### ଭାଜପା ପକ୍ଷରୁ ସାଇକେଲ ଶୋଭାଯାତ୍ରା

ବଉଳା,୧୩।୪(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହାଟଡ଼ିହୀ ଭାଜପା କାର୍ଯ୍ୟାଳୟର ହାଟଡ଼ିହୀ ମଣ୍ଡଳ ପକ୍ଷରୁ ଭାରତରତ୍ନ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ହାଟଡ଼ିହୀଠାରୁ ଛେନାପଦି ପର୍ଯ୍ୟନ୍ତ କରାଯାଇଥିଲା। ରୁଦ୍ର ପ୍ରସାଦ ଜେନା, ଯୁଧିଷ୍ଠିର ମଲ୍ଲିକ, ଦୀପକ ଜେନା, ହରମୋହନ ଶାସିନି, ଶୁଶାନ୍ତ ଜେନା, ସୌରଭ ରାଉତ, ପ୍ରଶାନ୍ତ କୁମାର ନାୟକ, ତପନ ସାହୁ, ବସନ୍ତ ନାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ।

### ବୈଦିକ ବ୍ରାହ୍ମଣ ମହାସଭାର ସମ୍ମିଳନୀ

ଆନନ୍ଦପୁର,୧୩।୪(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ସାଇଁକୁଳ ଶ୍ରୀ ଶିଧେଶ୍ୱର ମହାଦେବଙ୍କ ପୀଠରେ ବୈଦିକ ବ୍ରାହ୍ମଣ ମହାସଭାର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଆବାହକ ସୁଶାନ୍ତ ପାଣିଙ୍କ ସଂଯୋଜନା ଓ ସଭାପତି ସାରଙ୍ଗଧର ନନ୍ଦଙ୍କ ସଭାପତିତ୍ୱରେ ସମ୍ପାଦକ ଭଗବାନ ପଣ୍ଡା ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶା ବ୍ରାହ୍ମଣ ମହାସଭାର ସଭାପତି ଡ. ସଦାନନ୍ଦ ଦୀକ୍ଷିତ, ଜିଲା ସମ୍ପାଦକ ପ୍ରସନ୍ନ ନନ୍ଦ, ଉପସଭାପତି ରଞ୍ଜନ ପାଢ଼ି, ରାଜ୍ୟ ସମ୍ପାଦକ ଶାନ୍ତନୁ ମିଶ୍ର, ଓଡ଼ିଶା ମିଡ଼ିଆ ସେଲ ସମ୍ପାଦକ ମଦନ ପାଣି, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ମଧୁସୂଦନ ମିଶ୍ର, ଉପଦେଷ୍ଟା ହଳଧର ପଣ୍ଡା, ଆନନ୍ଦପୁର ସଂଯୋଜକ ମଦନ ମିଶ୍ର ଯୋଗଦେଇ ସଂରକ୍ଷଣ ବ୍ୟବସ୍ଥା ସାମାଜିକ ବ୍ୟବସ୍ଥାକୁ ନଷ୍ଟ କରୁଛି। ତେଣୁ କୌଳିକ ବୃତ୍ତିର ମର୍ଯ୍ୟାଦା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ମିଶ୍ର, ବିଭୂତିଭୂଷଣ ଦାଶ, ଚିତ୍ତରଞ୍ଜନ ଦାଶ ବିଶ୍ୱରଞ୍ଜନ ମିଶ୍ର, କେଦାର ରଥ, ନୃସିଂହ ଦାଶ ପ୍ରମୁଖ ଯୋଗଦେଇ ମହାସଭା ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ୧୬ ଶାସନ, ୩୨ ପଡ଼ା ଶାସନ ଓ ୬୪ଟି ଉପଶାସନର ବହୁ ମାନ୍ୟଗଣ୍ୟ ବ୍ରାହ୍ମଣ ଯୋଗଦେଇ ବୈଦିକ ସଂସ୍କୃତି, ରୀତିନୀତି, ପରମ୍ପରା, ଯଜ୍ଞ, ଅନୁଷ୍ଠାନ, ବେଦଶାସ୍ତ୍ର, ଶ୍ରୀମଦ ଭାଗବତ ଉପରେ ଆଲୋଚନ କରିଥିଲେ।

# ପ୍ରକଳ୍ପ ଅନୁମୋଦନ ପୂର୍ବରୁ କାର୍ଯ୍ୟ ଆରମ୍ଭ

## କାଡ଼ାନାଳ ନିର୍ମାଣରେ ଅନିୟମିତତା

■ ୪ ଜିଲା ଦାୟିତ୍ୱରେ ଜଣେ ନିର୍ବାହୀ ଯନ୍ତ୍ରୀ

ହାଟଡ଼ିହୀ,୧୩।୪(ଶୁଭକାନ୍ତ ନାୟକ):

ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ବିଭିନ୍ନ ଯୋଜନା ବାବଦରେ ଅନେକ କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ମାତ୍ର ସିଏଡିଡବ୍ଲ୍ୟୁଏମ୍(କମାଣ୍ଡ ଏରିଆ ଡେଭଲପମେଣ୍ଟ ୱାଟର ମ୍ୟାନେଜମେଣ୍ଟ) ଯୋଜନା ଏବେ ବାଟବଣା ହୋଇଛି। ଏହି ଯୋଜନାରେ ପାଣିପଞ୍ଚାୟତଗୁଡ଼ିକ ଦ୍ୱାରା ଚାଷକ୍ଷେତକୁ ପାଣି ଯୋଗାଣ ନିମନ୍ତେ କାଡ଼ା ନିର୍ମାଣ କାର୍ଯ୍ୟ ହେଉଛି। କିନ୍ତୁ ପ୍ରକଳ୍ପ ଅନୁମୋଦନ ଏବଂ ବ୍ୟୟବରାଦ ହେବା ପୂର୍ବରୁ ନିର୍ମାଣ କାର୍ଯ୍ୟ ହେଉଥିବା ନେଇ ଲୋକପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ସିଏଡି ଡିଭିଜନ ନଂ. ୩ ଭଦ୍ରକର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଛୋଟରାୟ ଚିଠି (ନଂ. ୫୩୧/୩୦।୩। ୨୦୨୬)ରେ ସମସ୍ତ ପାଣିପଞ୍ଚାୟତ ସେକ୍ରେଟାରୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଯନ୍ତ୍ରୀଙ୍କୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସିଏଡିଡବ୍ଲ୍ୟୁଏମ୍ ଯୋଜନା ଅଧୀନରେ ଫିଲ୍ଡ ଚ୍ୟାନେଲ କାର୍ଯ୍ୟର ଅନଧିକୃତ ନିର୍ମାଣକୁ ତୁରନ୍ତ ବନ୍ଦ ଏବଂ ବୈଧାନିକ ଆବଶ୍ୟକତା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି।



ବେନିୟମ ଭାବେ ହୋଇଥିବା କାଡ଼ା କାମ।

ପାଣିପଞ୍ଚାୟତ ଏବଂ ସିଏଡି ଡିଭିଜନ -୩ ଭଦ୍ରକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କୃଷି)ଙ୍କ ମଧ୍ୟରେ ଏକ ବୈଧ ଚୁକ୍ତିନାମା ସ୍ୱାକ୍ଷରିତ ହୋଇ ଔପଚାରିକ କାର୍ଯ୍ୟାଦେଶ ଦ୍ୱାରା ସମର୍ଥିତ ନ ହେଲେ କୌଣସି କାର୍ଯ୍ୟକୁ ଆଇନଗତ ଭାବେ ସ୍ୱୀକୃତି ଦିଆଯିବ ନାହିଁ। କାର୍ଯ୍ୟାଦେଶ ବିନା ସ୍ୱତଃପ୍ରବୃତ୍ତ ଭାବେ କରାଯାଇଥିବା କୌଣସି କାର୍ଯ୍ୟ ଏକ ଅନଧିକୃତ ଆର୍ଥିକ ଦାୟିତ୍ୱ ସୃଷ୍ଟି କରେ। ଇ-କ୍ୟାଡ ଇନଫ୍ରାରେ କାର୍ଯ୍ୟର ପର୍ଯ୍ୟାୟ କ୍ରମେ ଅପଲୋଡ୍ ନ କରି ଅନଧିକୃତ କାର୍ଯ୍ୟ ପାଇଁ କାର୍ଯ୍ୟାଳୟ ଦେୟ ପ୍ରଦାନ କରିବାକୁ ଦାୟୀ ନୁହେଁ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଛୋଟରାୟ ଏବଂ ହାଟଡ଼ିହୀ ବ୍ଲକ୍ ଅଞ୍ଚଳ ଦାୟିତ୍ୱରେ ଥିବା ଯନ୍ତ୍ରୀ ବିଜୟ ମହାନ୍ତି କୁହନ୍ତି, କେନ୍ଦୁଝର ଜିଲା ଅଧୀନ ହାଟଡିହୀ ବ୍ଲକ୍‌ର କଳିଙ୍ଗା, ଓରାଳି ଓ ସରଳା ଆଦି ଅନ୍ୟ କେତେକ ସ୍ଥାନରେ ବ୍ୟୟବରାଦ ଏବଂ ପ୍ରକଳ୍ପ ଅନୁମୋଦନ ପୂର୍ବରୁ କାର୍ଯ୍ୟ ହୋଇଥିବା ସ୍ପଷ୍ଟ ହେବା ପରେ ସେ ଦିଗରେ ପଦକ୍ଷେପ ନିଆଯାଉଛି, ଯାହାକି ଆଶ୍ଚର୍ଯ୍ୟର ବିଷୟ। ହାଟଡ଼ିହୀ ବ୍ଲକ୍ ଅଞ୍ଚଳର ଏକାଧିକ ସ୍ଥାନରେ ବେନିୟମ ଭାବେ କାଡ଼ା ନିର୍ମାଣ କାର୍ଯ୍ୟ ହେଉଥିବା ବାବଦରେ ଅଧିକାରୀଙ୍କୁ ଜଣାଇବେ ବୋଲି ଯନ୍ତ୍ରୀ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ପ୍ରମୁଖ ୪ ଜିଲା ପାଇଁ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଥିବା ବେଳେ ଭଦ୍ରକରେ ସିଏଡି (କମାଣ୍ଡ ଏରିଆ ଡେଭଲପମେଣ୍ଟ) ଡିଭିଜନ ନଂ. ୩ କାର୍ଯ୍ୟାଳୟ ରହିଛି। ଆନନ୍ଦପୁର, କେନ୍ଦୁଝର ଏବଂ ଭଦ୍ରକ ଲାଗି ଜଣେ ଲେଖାଏ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଛନ୍ତି। ସେହିପରି କେନ୍ଦୁଝର ଜିଲା ପାଇଁ ୨ ଜଣ ଏବଂ ଭଦ୍ରକ, ବାଲେଶ୍ୱର, ଯାଜପୁର ପାଇଁ ୨ ଜଣଙ୍କୁ ମିଶାଇ ମୋଟ ୪ ଜିଲାକୁ ୪ ଜଣ ଯନ୍ତ୍ରୀ ଅଛନ୍ତି। ଅଳ୍ପସଂଖ୍ୟକ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କିପରି ହେଉଥିବ ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାଜିଛି।

# ନିର୍ମାଣର ମାସକରେ ରାସ୍ତା ଭାଙ୍ଗିଗଲା



ଆନନ୍ଦପୁର,୧୩।୪(ସୁଶାନ୍ତ କୁମାର ସାହୁ):

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତର ମୁଖ୍ୟ ରାସ୍ତାରେ ଡ୍ରେନ୍ ଉପରେ ନବ ନିର୍ମିତ ରାସ୍ତାଟି ଭାଙ୍ଗିଯାଇଛି। କଣ୍ଟିପାଳ ପଞ୍ଚାୟତକୁ ଯାତାୟାତ ପାଇଁ ରାସ୍ତାଟି ସ୍ଲୋପିଂ ହୋଇ ରହିଥିଲା। ବର୍ଷା ପାଣି ବୋହି ପଳାଉଥିବା ବେଳେ ଡ୍ରେନ୍ ମରାମତି ନାମରେ ଏକ ମାସ ପୂର୍ବେ ରାସ୍ତାକୁ ତାଡି ଏକ ଡ୍ରେନ୍ ନିର୍ମାଣ କରାଯାଇଥିଲା। ଏଥିସହ ୧ ଲକ୍ଷ ୫୫ ହଜାର ବ୍ୟୟରେ ରାସ୍ତା କରାଯାଇଥିଲା। କାମ ସମୟରେ କୌଣସି ଯନ୍ତ୍ରୀ ଉପସ୍ଥିତ ନ ଥିବାରୁ ଅତି ନିମ୍ନମାନର କାମ କରାଯାଇଥିଲା ବୋଲି ଗ୍ରାମର ନେଉଳ ଦେହୁରୀ, କାଳିଆ ଦେହୁରୀ, ଘନଶ୍ୟମ ହେମ୍ବ୍ରମ, ରଙ୍ଗାଧର ପିଙ୍ଗୁଆ, ନରେନ୍ଦ୍ର ବେରୁଆ, କରୁଣାକର ହେମ୍ବ୍ରମ ଅଭିଯୋଗ କରିଛନ୍ତି। ଫଳରେ ମାସକ ମଧ୍ୟରେ ରାସ୍ତା ଭାଙ୍ଗି ଗରଗର ହୋଇଯାଇଛି। ଆନନ୍ଦପୁର ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ଚନ୍ଦ୍ର ମୋହନ ମୁଣ୍ଡାଙ୍କୁ ଏ ବିଷୟରେ ପଚାରିବାରୁ ବୁଝିକି କହିବେ ବୋଲି କହିଥିଲେ।

# ୨୧ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ଆଶାବାଡ଼ି ବଣ୍ଟନ



ଟ୍ରାଇ ସାଇକେଲ ପାଇଥିବା ଦିବ୍ୟାଙ୍ଗ।

ଆନନ୍ଦପୁର,୧୩।୪ (ସୁଶାନ୍ତ କୁମାର ସାହୁ):

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଗଁପୁର ପଞ୍ଚାୟତ ସଭାଗୃହରେ ଟାଟା ଷ୍ଟିଲ ପକ୍ଷରୁ ଭିନ୍ନକ୍ଷମ ତଥା ବୃଦ୍ଧ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ସହ ଆଶାବାଡ଼ି ସୋମବାର ଦିନ ପ୍ରଦାନ କରାଯାଇଛି। ଟାଟା ଫାଉଣ୍ଡେଶନ ସବଳ ପ୍ରୋଗ୍ରାମିଂ ଅଫିସର ତଥା ରାଜ୍ୟ ଦିବ୍ୟାଙ୍ଗ ସମ୍ପାଦକ ଅକ୍ଷୟ ସାହୁଙ୍କ ସଂଯୋଜନାରେ ବଣ୍ଟନ କର୍ମଶାଳାରେ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ଜେନା, ସାମାଜିକକର୍ମୀ ତରଣୀସେନ ହୋତା, ବିଜୟ ଦାସ, ପ୍ରଫୁଲ୍ଲ ଜେନା, ସରପଞ୍ଚ ପ୍ରତିନିଧି ତରଣୀ ଜେନା, ବେଲାଳସେନ ପତି, ପ୍ରଶାନ୍ତ ପଣ୍ଡା ସମେତ ଗାଁର ବହୁ ମୁରବୀଙ୍କ ଉପସ୍ଥିତିରେ ୧୫ ଜଣ ଦିବ୍ୟାଙ୍ଗ ଏବଂ ୬ ଜଣ ବୃଦ୍ଧଙ୍କୁ ଟ୍ରାଇସାଇକେଲ ସହ ଆଶାବାଡ଼ି ପ୍ରଦାନ କରାଯାଇଥିଲା। ଏତତ ବ୍ୟତିତ ଦିବ୍ୟାଙ୍ଗ ମହିଳାଙ୍କୁ ସ୍ୱାବଲମ୍ବି କରିବାକୁ ମହିଳା ଗୋଷ୍ଠି ମାଧ୍ୟମରେ ସବସିଡ୍ ଋଣ ପ୍ରଦାନ କରିବାକୁ ଲକ୍ଷ ରଖାଯାଇଥିବା ଟାଟା ପକ୍ଷରୁ ସୂଚନା ଦିଆଯାଇଛି।

# ଇରାଙ୍କ ସଙ୍ଗୀତ, ଶଙ୍କର-ପ୍ରଜ୍ଞାଙ୍କ କମେଡ଼ିରେ ଦର୍ଶକ ବିଭୋର



ସ୍ଥାନୀୟ କଳାକାର ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ଯୋଡ଼ା ମହୋତ୍ସବ ଆରମ୍ଭ

ଯୋଡ଼ା,୧୩।୪(ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ କେନ୍ଦ୍ରୀୟ ଖେଳପଡିଆଠାରେ ୨୦୨୬- ଯୋଡ଼ା ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ ମଞ୍ଚରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଟାଟା ଷ୍ଟିଲ ଜିଏମ ଦେବାଶିଷ ଜେନା, ଯୋଡ଼ା ପୌରାଧକ୍ଷ ଜଗଦୀଶ ପ୍ରସାଦ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ ଉପସ୍ଥିତ ଥିଲେ। ଖଣି ଅଞ୍ଚଳରେ ବସବାସ କରିଥିବା ଜନସାଧାରଣଙ୍କ ପାଇଁ ଏହି ମହୋତ୍ସବ ମନୋରଞ୍ଜନର ଏକ ମୁଖ୍ୟ ସ୍ରୋତ ହୋଇଥିବା ବେଳେ ୩ ଦିନ ଧରି ଏହାକୁ ଯୋଡ଼ା ଜନସାଧାରଣ ଖୁବ୍ ଆନନ୍ଦର ସହ ଉପଭୋଗ କରିବେ ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଓଡ଼ିଶାର ପ୍ରମୁଖ ହାସ୍ୟକାର ଶଙ୍କରା ବକରାର ନାୟକ ଶଙ୍କର ଓ ପ୍ରଜ୍ଞାଙ୍କ ଦ୍ୱାରା କମେଡି କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶାର ପ୍ରସିଦ୍ଧ ଗାୟିକା ଇରା ମହାନ୍ତିଙ୍କ କଣ୍ଠରେ ଲୋକେ ବାନ୍ଧି ହୋଇ ରହିଥିଲେ। ଶଙ୍କର ଓ ପ୍ରଜ୍ଞାଙ୍କ କମେଡି ଲୋକଙ୍କୁ ଖୁବ୍ ମନୋରଞ୍ଜନ ଯୋଗାଇଥିଲା।

# ଅଶୋକ ଦେଓହେଲେ ଚିଫ୍ ଟେନିସ୍ କୋଚ

କେନ୍ଦୁଝର,୧୩।୪ (ନରେଶ ଚନ୍ଦ୍ର ପଟ୍ଟନାୟକ):



ଭାରତ ସରକାରଙ୍କ ଅଧୀନସ୍ଥ ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆର ସିନିଅର ଲନ୍ ଟେନିସ କୋଚ ଅଶୋକ ଦେଓଙ୍କୁ ଚିଫ କୋଚ୍ ଭାବେ ପଦୋନ୍ନତି ଦିଆଯାଇଛି। କେନ୍ଦୁଝର ସହର ଆଟୋପରରେ ଜନ୍ମିତ କୋଚ୍ ଦେଓ ସ୍ଥାନୀୟ ଡିଏନ ହାଇସ୍କୁଲ ତଥା ଧରଣୀଧର କଲେଜରେ ପଢ଼ି ୧୯୮୯-୯୦ ବ୍ୟାଚ୍‌ରେ ପଞ୍ଜାବଠାରେ ଏନ୍‌ଆଇଏସ୍ କୋର୍ସ କରି କୋଚ ହୋଇଥିଲେ। ୧୯୯୪ରେ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆରେ କୋଚ ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରୁ ଜଣେ ଭଲ କ୍ରୀଡ଼ାବିତ ଥିବା ବେଳେ ଦେଶର ବିଭିନ୍ନ ସ୍ଥାନରେ ଟେନିସ୍ କୋଚ୍‌ଭାବେ କାର୍ଯ୍ୟ କରି ଅନେକ ସଫଳ କ୍ରୀଡ଼ାବିତ ତିଆରି କରିଛନ୍ତି। ସେଥିରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଟେନିସ୍ ଖେଳାଳି ରହିଛନ୍ତି। ବର୍ତ୍ତମାନ ସେ କୋଲକାତାର ପୂର୍ବ କେନ୍ଦ୍ରରେ ଅବସ୍ଥାପିତ ହୋଇଛନ୍ତି। ତାଙ୍କର ଏହି ପଦୋନ୍ନତି ଲାଗି ଅନେକ କ୍ରୀଡ଼ାବିତ, କ୍ରୀଡ଼ା ସଂଗଠନ ତଥା ଅଧିକାରୀ ଖୁସି ପ୍ରକଟ କରି ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ଜଣାଇଛନ୍ତି। କେନ୍ଦୁଝର ଜିଲାର ବରିଷ୍ଠ କ୍ରୀଡ଼ାବିତ ତଥା କ୍ରୀଡ଼ା ସଂଗଠକ ଖବରଦାତା ସ୍ୱର୍ଗତ ଦୁଃଶାସନ ଦେଓ ଓ ରମାମଣି ଦେଓଙ୍କ ସୁପୁତ୍ର ଅଟନ୍ତି। ଏହି ସଫଳତାର ଶ୍ରେୟ ସେ ନିଜ ପତ୍ନୀ ଅପର୍ଣ୍ଣା ଦେଓ ଓ ପୁତ୍ର ଅମନ ଦେଓଙ୍କୁ ଦେଇଛନ୍ତି।

# ୫ବର୍ଷ ହେଲା ବିଛଣାରେ ରିନା

## ଚିକିତ୍ସାରେ ଅର୍ଥ ବାଧକ, ସରକାରୀ ସହଯୋଗ ପାଇଁ ଅନୁରୋଧ

ବଉଳା,୧୩।୪(ଦୁର୍ଗା ପ୍ରସାଦ ଆୟଚ):

ସରକାର ଯୁବତୀ ଓ କନ୍ୟାରତ୍ନଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ସେମାନଙ୍କ ଜନ୍ମଠାରୁ ବିବାହ ପର୍ଯ୍ୟନ୍ତ ଯୋଜନାମାନ କରାଯାଇଛି। ଜଣେ ଗରିବ ପରିବାର ଝିଅ ଅସୁସ୍ଥ ହୋଇ ୫ବର୍ଷ ଧରି ବିଛଣାରେ ପଡ଼ିଛନ୍ତି। ଅର୍ଥ ଅଭାବରୁ ଉନ୍ନତମାନର ଚିକିତ୍ସା କରିବାରେ ପରିବାର ଲୋକ ଅସହାୟ ହୋଇଥିବା ବେଳେ ପାଠପଢ଼ାରେ ଡୋରି ବନ୍ଧା ହୋଇଛି। ଅସହାୟ ଯୁବତୀ ହେଲେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍‌ର ମରୈଗାଁର ନାଲୁ ଜେନାଙ୍କ ଝିଅ ରିନା ଜେନା।

ରିନା ଜନ୍ମରୁ ସୁସ୍ଥ ଥିବା ବେଳେ ଜଣେ ମେଧାବୀ ଛାତ୍ରୀ ରହିଥିଲେ। ନବମ ଶ୍ରେଣୀରେ ପାଠ ପଢୁଥିବା ସମୟରେ ହଠାତ୍ ହାତ, ଗୋଡ଼ ଅକାମୀ ହୋଇଯିବା ଯୋଗୁ ଛିଡ଼ା ହୋଇପାରିଲେନି। ମା'ବାପା ନିଜର ସମ୍ବଳ ମୁତାବକ ଚିକିତ୍ସା କରାଇଥିଲେ। ମାତ୍ର କୌଣସି ସୁଫଳ ମିଳିପାରିଲାନାହିଁ। ଦିବ୍ୟାଙ୍ଗ ହୋଇ ଘରେ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ବିଛଣାରେ ପଡ଼ି ରହିଥିଲେ। ଅସୁସ୍ଥତା କାରଣରୁ ସେ ମାଟ୍ରିକ୍ ପରୀକ୍ଷା ଦେଇ ପାରି ନ ଥିଲେ। ପରିବାର ଅତି ଗରିବ ହୋଇଥିବାରୁ ଉନ୍ନତମାନର ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଛି। ରାଶନ ସାମଗ୍ରୀ ୫ କେ.ଜି ଚାଉଳ ଛଡ଼ା ରିନା ଅନ୍ୟ କୌଣସି ସରକାରୀ ସହାୟତା ପାଇ ନାହାନ୍ତି। ଫଳରେ ଝିଅ ଚିକିତ୍ସା ନିମନ୍ତେ ମା' ବାପା ଚିନ୍ତାରେ ରହିଛନ୍ତି। ପ୍ରଶାସନ ତଦନ୍ତ କରି ଭତ୍ତା, ୩ ଚକିଆ ବ୍ୟାଟେରି ଚାଳିତ ସାଇକେଲ ଓ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ବାପା ନିଲୁ ଜେନା ଅନୁରୋଧ କରିଛନ୍ତି।



# ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଡ଼ବିଲ,୧୩।୪(ଜୟନ୍ତୀ ରଣା):

କେନ୍ଦୁଝର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବଡ଼ବିଲରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଅଞ୍ଚଳର ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ସିଭିଲ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ବଡ଼ବିଲ-ବାଂଶପାଣ ରେଳ ଲିଙ୍କ, ଆଇଟିଆଇର ଉନ୍ନତିକରଣ, ସରକାର କାମ୍ପାଫଣ୍ଡରୁ ନେଇଥିବା ଟଙ୍କା ଫେରସ୍ତ, ବଡବିଲ ଫ୍ଲାଏ ଓଭର ନିର୍ମାଣ ଆଦି ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ବଡ଼ବିଲ ବିକାଶ ପରିଷଦ ପକ୍ଷରୁ ବଡ଼ବିଲ-ବାଂଶପାଣି ରେଳ ଲିଙ୍କ୍, ବଡ଼ବିଲ ସହରରେ ଟ୍ରାଫିକ ସମସ୍ୟାକୁ ଏଡ଼ାଇବା ନିମନ୍ତେ ଫ୍ଲାଏ ଓଭର ବ୍ରିଜ ସହ ସଂଯୋଗୀକରଣ ଆପ୍ରୋଚ ରୋଡ ନିର୍ମାଣ, ବଡ଼ବିଲରୁ ବଲାଣି ପର୍ଯ୍ୟନ୍ତ ଟାଟାନଗର-ବଡ଼ବିଲ ପାସେଞ୍ଜର ଟ୍ରେନକୁ ସମ୍ପ୍ରସାରଣ, ଅଧିକାଂଶଦିନ ବଡ଼ବିଲ ପହଞ୍ଚି ପାରୁ ନ ଥିବା ହାଓ୍ୱଡ଼ା-ବଡ଼ବିଲ ଜନଶତାବ୍ଦୀ ଏକ୍ସପ୍ରେସ ଟ୍ରେନ୍‌କୁ ସମୟାନୁବର୍ତ୍ତୀ ଓ ଟ୍ରେନ୍ ବଡବିଲ ପହଞ୍ଚିବା ନେଇ ବ୍ୟବସ୍ଥା କରିବା ନିମନ୍ତେ ଏବଂ ଯୋଡ଼ା ବାରୁହଟିଂଠାରେ ଟ୍ରେନ ହଲ୍ଟିଂ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ପତ୍ରାଳାପ କରାଯିବା ନେଇ ଦାବି ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

# ଗ୍ରାମାଞ୍ଚଳକୁ ଗଡ଼ିଲାନି ସଚେତନତା ରଥ

## ଯୋଡ଼ାରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପ୍ରହସନ

ଯୋଡ଼ା,୧୩।୪(ମାନସ ମହାନ୍ତି):

କେନ୍ଦୁଝର ଜିଲା ଉପାନ୍ତ ଅଞ୍ଚଳ ଯୋଡ଼ା ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଅବହେଳିତ ହୋଇପଡ଼ିଛି। ଶିକ୍ଷା ବ୍ୟବସ୍ଥାରେ ସୁଧାର ଓ ପିଲାଙ୍କୁ ସ୍କୁଲ ମୁହାଁ କରିବାକୁ ଓଡ଼ିଆ ପକ୍ଷ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ କରାଯାଉଛି। ବିଭିନ୍ନ ବସ୍ତି, ହାଟିଂ ଓ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ମାତ୍ର ଏହା ଯୋଡ଼ା ବ୍ଲକ୍‌ରେ ପ୍ରହସନରେ ପରିଣତ ହୋଇଛି। ଅଭିଭାବକଙ୍କ ସଚେତନତା ଲକ୍ଷ୍ୟରେ ଯେଉଁ ରଥ ଶୁଭାରମ୍ଭ ହୋଇଥିଲା, ତାହା ଗ୍ରାମାଞ୍ଚଳରେ ବୁଲୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବିକଶିତ ଓଡ଼ିଶା ଗଠନ ପାଇଁ ସରକାରଙ୍କ ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପ୍ରଥମ ରାଜ୍ୟ ଭାବରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଗତ ବର୍ଷ ଶିକ୍ଷାବର୍ଷଠାରୁ ଶିଶୁ ବାଟିକା ଆରମ୍ଭ କରାଯାଇଛି। ଶିକ୍ଷା ବର୍ଷ ୨୦୨୬-୨୭ ପାଇଁ ସେପ୍ଟେମ୍ବର ୨୦୨୬ ସୁଦ୍ଧା ୫ ବର୍ଷରୁ ଅଧିକ ବୟସର ଶିଶୁଙ୍କୁ ଶିଶୁ ବାଟିକା ଏବଂ ୬ ବର୍ଷର ଅଧିକ ବୟସର ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଇଛି। ଏହିକ୍ରମରେ ଗତ ୨ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଆସ ସ୍କୁଲ ଯିବା ଅଭିଯାନରେ ବିଦ୍ୟାଳୟ ବାହାରେ ଥିବା ୫ରୁ ୧୮ ବର୍ଷର ପିଲାଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯାଇଛି। ସମଗ୍ର ରାଜ୍ୟରେ କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ କରାଯାଉଥିବା ବେଳେ ଯୋଡ଼ା ବ୍ଲକ୍‌ରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଯୋଡ଼ା ବ୍ଲକ୍‌ରେ ମଧ୍ୟ ଖଡ଼ିଛୁଆଁ ଉତ୍ସବ ପାଳନ ସହ ସଚେତନତା ରଥ ବନେଇକଳା ପ୍ରାଥମିକ ବିଦ୍ୟାଳୟରୁ ଶୁଭାରମ୍ଭ ହୋଇଥିଲା। ରଥ ଯୋଡ଼ା ବ୍ଲକ୍‌ର ୧୯ ପଞ୍ଚାୟତ ଓ ୨ ପୌରପାଳିକାର ସମସ୍ତ ୱାର୍ଡ ପରିକ୍ରମା କରି ଶିଶୁଙ୍କ ଅଭିଭାବକଙ୍କୁ ନାମ ଲେଖା ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରହିଥିଲା। ମାତ୍ର ରଥ ଗାଁ ଓ ବସ୍ତି ଅଞ୍ଚଳକୁ ନ ଯାଇ ବିଦ୍ୟାଳୟ ପରିକ୍ରମାରେ ସୀମିତ ରହିଗଲା। ରଥ ପରିକ୍ରମା ସମ୍ପର୍କରେ ଗ୍ରାମାଞ୍ଚଳରେ ଲୋକେ କୌଣସି ସୂଚନା ପାଇ ନ ଥିବା ବେଳେ ରଥ ଗାଁଗୁଡ଼ିକୁ ପହଞ୍ଚି ନ ଥିବା ଉପାନ୍ତ କାରାଖେଣ୍ଡରା ପଞ୍ଚାୟତର ସୁଶୀଲ ପ୍ରଧାନ, ରୋହିତ କାରୁଆ, ଶୁଭେନ୍ଦୁ ସେନାପତି ଓ ବଲାଣି ପଞ୍ଚାୟତର ଯୁବ ସଂଗଠକ ପରମେଶ୍ୱର ଜେନା, ଅନିଲ ପାଶୱାନ ପ୍ରମୁଖ ପ୍ରକାଶ କରିବା ସହ ସନ୍ତୋଷ ପ୍ରକାଶ କରିଛନ୍ତି। ନିକଟରେ ଧନୁର୍ଜୟପୁର କ୍ଲଷ୍ଟରଠାରେ ତ୍ରିଦିବସୀୟ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ହୋଇଥିଲା। ମାତ୍ର ତରବରିଆ ଭାବେ ଶିକ୍ଷାଦାନ ପାଇଁ କୌଣସି କର୍ମଶାଳା ନ କରି ଗୋଟିଏ ଦିନରେ ଶେଷ କରିଥିଲେ। ଯୋଡ଼ା ବ୍ଲକ୍‌ର ଅନ୍ୟ କ୍ଲଷ୍ଟରରେ ମଧ୍ୟ ଏଭଳି ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ଯୋଡ଼ା ବ୍ଲକ୍ ଶିଶୁ ଅଧିକାର ସୁରକ୍ଷା ମଞ୍ଚର ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ଏହି ଖଡ଼ିଛୁଆଁ ଦିବସ ଓଡ଼ିଶା ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ। ଖଡ଼ି ଛୁଆଁ ରଥ ପରିକ୍ରମା କରି ବିଭିନ୍ନ ବସ୍ତି, ହଟିଂ ଓ ଗ୍ରାମାଞ୍ଚଳରେ ଶିଶୁଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅଭିଭାବକଙ୍କୁ ସଚେତନତା କରାଇବା ପାଇଁ ଲକ୍ଷ୍ୟ ରହିଛି। ମାତ୍ର ଶିକ୍ଷା ବିଭାଗ ଅଧିକାରୀଙ୍କ ଉଦାସୀନତା ଯୋଗୁ ଲକ୍ଷ୍ୟ ସାଧିତ ହେଉନାହିଁ।

ଯୋଡ଼ା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା କହିଛନ୍ତି, ସେ ଅନ୍ୟ ବ୍ଲକ୍ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଏବିଇଓ, ବ୍ଲକ୍ ରିସୋର୍ସ ଟିଚର (ବିଆରଟି), କ୍ଲଷ୍ଟର ରିସୋର୍ସ ସେଣ୍ଟର କର୍ଡିନେଟର (ସିଆର୍‌ସିସି) ସଚେତନତା ରଥ ପରିକ୍ରମା ଦାୟିତ୍ୱରେ ରହିଥିଲେ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଥିଲେ, ସେ ଯୋଡ଼ା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ କଥା ହୋଇ ଖବର ନେବେ। ଅତିରିକ୍ତ ଦାୟିତ୍ୱରେ ଥିଲେ ମଧ୍ୟ ଯୋଡ଼ା ବ୍ଲକ୍ ବିଇଓଙ୍କର ଏହା ପ୍ରଥମ ଦାୟିତ୍ୱ ବୋଲି କହିଥିଲେ।






